**ଦ୍ୱିତୀୟ ଦିନ ୧୧୪ ପ୍ରାର୍ଥୀ କଲେ ନାମାଙ୍କନ**

ବୌଦ୍ଧ,(ସ୍ୱ.ପ୍ର): ବୌଦ୍ଧ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ମଙ୍ଗଳବାର ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡସଭ୍ୟ ପଦ ପାଇଁ ୧୧୪ ପ୍ରାର୍ଥୀ ନାମାଙ୍କନ କରିଛନ୍ତି। ତେବେ ଜିଲା ପରିଷଦ ପଦ ପାଇଁ ଜଣେ ହେଲେ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନାହାନ୍ତି। ସରପଞ୍ଚ ପଦ ପାଇଁ ହରଭଙ୍ଗା ବ୍ଲକରୁ ୫ ଜଣ, ବୌଦ୍ଧ ବ୍ଲକରୁ ୨ ଓ କଣ୍ଟାମାଳ ବ୍ଲକରୁ ୩ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ସମିତି ସଭ୍ୟ ପାଇଁ ହରଭଙ୍ଗା ବ୍ଲକରୁ ୪ ଓ ବୌଦ୍ଧ ବ୍ଲକରୁ ୩ ଜଣ ନାମାଙ୍କନ ପତ୍ର ଦାଖଲ କରି ଜିଲା ପଞ୍ଚାୟତ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଭାଜପା ସୁନ୍ଦରଗଡ଼ ଜିଲା ଉପସଭାପତିଙ୍କ ଇସ୍ତଫା



ବଡ଼ଗାଁ, ୧୮।୧(ଡି.ଏନ.ଏ): ଦଳୀୟ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ସୁନ୍ଦରଗଡ ଜିଲା ଭାଜପା ଉପସଭାପତି ବସନ୍ତ ସାହୁ ଉପସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ନିର୍ବାଚନ ସଞ୍ଚାଳନ କମିଟି ନ ବସି ମନମୁଖି ପ୍ରାର୍ଥୀ ଘୋଷଣା କରାଯାଇଛି। ସାଙ୍ଗଠନିକ ଚର୍ଚ୍ଚା ନ ହୋଇ ଟିକେଟ ଦିଆଯାଇଛି। ତେଣୁ ଏଥିରେ ସେ ଅସନ୍ତୁଷ୍ଟ ହୋଇ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ରାଜ୍ୟ ସଭାପତି ସମୀର ମହାନ୍ତି, ଜିଲା ସଭାପତି ଭବାନୀ ଶଙ୍କର ଭୋଇ, ଏମ୍‌ପି ଜୁଏଲ ଓରାମଙ୍କ ନିକଟକୁ ଇ-ମେଲ ମାଧ୍ୟମରେ ପଠାଇ ଦେଇଛନ୍ତି। ସୂଚନାଯୋଗ୍ୟ, ବରିଷ୍ଠ ଭାଜପା ନେତା ବସନ୍ତ ସାହୁ ୩୦ ବର୍ଷ ହେଲା ଭାଜପାରେ ରହି କାର୍ଯ୍ୟ କରିଛନ୍ତି। ତାଙ୍କ ନେତୃତ୍ୱରେ ୧୯୯୭ରୁ ବଡ଼ଗାଁ-ଖ ଜିଲା ପରିଷଦ ଆସନକୁ ଭାଜପା ଦଖଲ କରିଆସୁଥିଲା।

# ସୁନ୍ଦରଗଡ଼: ୪୬୭ ପ୍ରାର୍ଥିପତ୍ର ଦାଖଲ

ସୁନ୍ଦରଗଡ,୧୮।୧ (ଡି.ଏନ୍.ଏ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସୋମବାରଠାରୁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରାର୍ଥିପତ୍ର ଦାଖଲର ମଙ୍ଗଳବାର ଦ୍ୱିତୀୟ ଦିବସ ସୁଦ୍ଧା ଜିଲାରେ ବିଭିନ୍ନ ପଦବୀ ପାଇଁ ମୋଟ ୪୬୭ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେଥିମଧ୍ୟରେ ୱାର୍ଡମେମ୍ବର ପଦବୀ ପାଇଁ ୩୩୨ଜଣ, ସରପଞ୍ଚ ପାଇଁ ୭୯ଜଣ, ସମିତିସଭ୍ୟ ପାଇଁ ୫୫ଜଣ ଓ ଜିଲା ପରିଷଦ ପଦବୀ ପାଇଁ ଜଣେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସୋମବାର ପ୍ରଥମ ଦିବସରେ ଜିଲା ପରିଷଦ ସଭ୍ୟ ପାଇଁ ୩୫ଟି ଜୋନ୍‌ରୁ କୌଣସି ପ୍ରାର୍ଥିପତ୍ର ଦାଖଲ ହୋଇ ନ ଥିଲା। ୧୭ଟି ବ୍ଲକର ବିଭିନ୍ନ ପଞ୍ଚାୟତରୁ ୨୦ଜଣ ସରପଞ୍ଚ, ୪ଜଣ ସମିତିସଭ୍ୟ ଓ ୧୦୭ ଜଣ ୱାର୍ଡମେମ୍ବର ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିପରି ମଙ୍ଗଳବାର ଦ୍ୱିତୀୟ ଦିବସରେ ସୁନ୍ଦରଗଡ ସଦର ବ୍ଲକ-କ ଜିଲା ପରିଷଦ ଆସନ ପାଇଁ ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ କୁମାର ନାଏକ ବିଜେଡି ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସରପଞ୍ଚ ପଦବୀ ପାଇଁ ୫୯ଜଣ, ସମିତିସଭ୍ୟ ପାଇଁ ୫୧ଜଣ ଓ ୱାର୍ଡମେମ୍ବର ପଦବୀ ପାଇଁ ୨୨୫ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି।

## କୁଆଁରମୁଣ୍ଡା: ଦ୍ୱିତୀୟ ଦିବସରେ ଭରିଲେ ୨୦ ନାମାଙ୍କନପତ୍ର



କୁଆଁରମୁଣ୍ଡା ବ୍ଲକ ଅଫିସରେ ନିର୍ବାଚନ ସୁପରିଚାଳନା ପାଇଁ ଆଲୋଚନା।

କୁଆଁରମୁଣ୍ଡା,୧୮।୧(ଡି.ଏନ.ଏ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ନାମାଙ୍କନପତ୍ର ଦାଖଲର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ପ୍ରଥମ ଦିବସରେ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ୨୦ଟି ପଞ୍ଚାୟତରୁ କୌଣସି ପ୍ରାର୍ଥୀ ସମିତି ସଭ୍ୟ ନିମନ୍ତେ ନାମାଙ୍କନପତ୍ର ଦାଖଲ କରି ନ ଥିଲେ। ଦ୍ୱିତୀୟ ଦିବସରେ ୬ଜଣ ସମିତି ପଦବୀ ସଭ୍ୟ ପାଇଁ ନିଜର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ପ୍ରଥମ ଦିବସର ଜଣେ ସରପଞ୍ଚ ପ୍ରାର୍ଥୀ ଓ ଦ୍ୱିତୀୟ ଦିବସର ୪ ଜଣ ସରପଞ୍ଚ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୫ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ପ୍ରଥମ ଦିବସର ୫ଜଣ ଓ ଦ୍ୱିତୀୟ ଦିବସର ୧୦ ଜଣଙ୍କୁ ମିଶାଇ ମୋଟ ୧୫ ଜଣ ୱାର୍ଡସଭ୍ୟ ପଦବୀ ଲାଗି ନାମାଙ୍କନପତ୍ର ଦାଖଲ କରିଥିବା ବ୍ଲକ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା କୁଆଁରମୁଣ୍ଡା ତହସିଲଦାର ଡା. ରାଜେଶ ସାହୁ ସୂଚନା ଦେଇଛନ୍ତି। ଦ୍ୱିତୀୟ ଦିବସରେ ସରପଞ୍ଚ ପଦବୀ ଲାଗି ରାଏବୋଗା, ଡୁମେରଯୋର, ପୁଟ୍ରିଖମଣ ଓ କାଲୋସିହିରିଆ ପଞ୍ଚାୟତରୁ ଜଣେ ଲେଖାଏଁ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଦଲକି, ସଲଙ୍ଗାବାହାଲ ପଞ୍ଚାୟତରୁ ୨ ଜଣ ଲେଖାଏଁ ଏବଂ ମଝାପଡ଼ା ଓ ଜୟଡ଼େଗା ପଞ୍ଚାୟତରୁ ଜଣେ ଲେଖାଏଁ ଏହିପରି ମୋଟ ୬ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା କୁଆଁରମୁଣ୍ଡା ବ୍ଲକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦାୟିତ୍ୱରେ ଥିବା ପ୍ରଫୁଲ୍ଲ କୁମାର ଦାଶ ସୂଚନା ଦେଇଛନ୍ତି। ନିର୍ବାଚନ ପରିଚାଳନା ଦାୟିତ୍ୱ ଠିକ୍ ଭାବେ ନିର୍ବାହ ପାଇଁ ବୀରମିତ୍ରପୁର ଏସ୍‌ଡିପିଓ ମାନସ ରଞ୍ଜନ ପ୍ରଧାନ, କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରିଛନ୍ତି। ଏହାସହ ବ୍ଲକ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା କୁଆଁରମୁଣ୍ଡା ତହସିଲଦାର ଡା. ସାହୁଙ୍କ ସହ ମଧ୍ୟ ବ୍ଲକ କାର୍ଯ୍ୟାଳୟରେ ସାକ୍ଷାତ କରି ଆଲୋଚନା କରିଛନ୍ତି।

## କଂକ୍ରିଟ ରାସ୍ତା କାଦୁଅ ପଚପଚ

କୁତ୍ରା, ୧୮।୧( ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅଧୀନ ଗଙ୍ଗାଜଳ ଗ୍ରାମରେ ନିର୍ମିତ କଂକ୍ରିଟ ରାସ୍ତା ଲୋକଙ୍କ ବ୍ୟବହାରରେ ଆସୁନାହିଁ। ରାସ୍ତାଟି ପାଣି କାଦୁଅରେ ପଚପଚ ହେଉଥିବାରୁ ଲୋକଙ୍କ ଯାତାୟାତରେ ଅସୁବିଧା ହେଉଛି। ଏ ସମ୍ପର୍କରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ କହିଛନ୍ତି। ସୂଚନା ଅନୁସାରେ, ଗତ କିଛିବର୍ଷ ତଳେ ଗଙ୍ଗାଜଳ ବସ୍ତିର ଲୋକଙ୍କ ଗମନାଗମନ ପାଇଁ ଏକ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। ବର୍ତ୍ତମାନ ଏହି ରାସ୍ତାରେ ମୋଟା ବହଳର କାଦୁଅ ଲାଗିରହି ରାସ୍ତାରେ ଯିବାଆସିବା କଷ୍ଟକର ହେଉପଡିଛି। ଯାନବାହନ ତ ଦୂର କଥା ଚାଲି ଚାଲି ଯିବାଆସିବା କରିହେଉନାହିଁ। ପାଖରେ ଥିବା ୱାଟର ସପ୍ଲାଏ ପାଇପ ଫାଟି ଗାଁସାରା ପାଣି ପଚପଚ ହେଉଥିବା ବେଳେ ତାକୁ ମରାମତି କରାଯାଇନାହିଁ। ସେଠାରୁ ପାଣି ଆସି ରାସ୍ତା ଉପରେ ବହୁଛି। ଏ ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ରାସ୍ତା ଉପରେ କାଦୁଅ ବହଳ ବସିଛି।

### ଗଞ୍ଜେଇ ଜବତ, ଜଣେ ଗିରଫ

ରାଉରକେଲା ଅଫିସ,୧୮।୧: କୋରାପୁଟ-ରାଉରକେଲା ପାସେଞ୍ଜର ଟ୍ରେନରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ରାଉରକେଲା ଆରପିଏଫ୍ ପୋଲିସ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଟାଟା ଅଞ୍ଚଳର ଶନି ମାଛୁଆ(୨୩) ବୋଲି ଜଣାପଡ଼ିଛି। ଏ ନେଇ ଏକ ମାମଲା (୧୨।୨୨)ରୁଜୁ କରି ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ସୋନି କୋରାପୁଟ ସୁନାବେଡା ଅଞ୍ଚଳରୁ ୧୫ କେଜି ଗଞ୍ଜେଇ ନେଇ ଟାଟା ଅଭିମୁଖେ ଯାଉଥିଲେ। ପାସେଞ୍ଜର ଟ୍ରେନ୍‌ଟି ରାଉରକେଲା ରେଳ ଷ୍ଟେଶନରେ ପହଞ୍ଚିବା ପରେ ଆରପିଏଫ୍ ପୋଲିସ ଟ୍ରେନ୍‌ର ଜେନେରାଲ ବଗିରେ ଯାଞ୍ଚ କରିବା ବେଳେ ଉକ୍ତ ଗଞ୍ଜେଇ ମିଳିଥିଲା। ପରେ ଗଞ୍ଜେଇ ସହ ଅଭିଯୁକ୍ତଙ୍କୁ ରାଉରକେଲା ଅବକାରୀ ପୋଲିସକୁ ହସ୍ତାନ୍ତର କରାଯାଇଥିଲା।

## ‘ଜାହ୍ନବୀର ନୀଳଜହ୍ନ’ ପୁସ୍ତକ ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ସୁନ୍ଦରଗଡ,୧୮।୧(ଡି.ଏନ୍.ଏ)

ସୁନ୍ଦରଗଡ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଗାଳ୍ପିକ ଡଃ ସରୋଜ କୁମାର ମିଶ୍ରଙ୍କ ଗଳ୍ପ ସଂକଳନ ‘ଜାହ୍ନବୀର ନୀଳଜହ୍ନ’ ପୁସ୍ତକ ଉନ୍ମୋଚିତ ହୋଇଛି। କୋଭିଡ କଟକଣା ମଧ୍ୟରେ ଆୟୋଜିତ ଏବଂ ଭର୍ଚୁଆଲ ମାଧ୍ୟମରେ ସଂଯୋଜିତ ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଗାଳ୍ପିକ ରାଜକିଶୋର ଷଡଙ୍ଗୀ ମୁଖ୍ୟଅତିଥି, ଅଧ୍ୟାପିକା ଡଃ ସୁପ୍ରିୟା ପାଲ, ପ୍ରକାଶକ ଅଶୋକ ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ତଥା ବିଶିଷ୍ଟ ଗାଳ୍ପିକ ଗିରି ଦଣ୍ଡସେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିମାନେ ପୁସ୍ତକକୁ ଉନ୍ମୋଚନ କରିଥିଲେ। ବୃତ୍ତିଗତ ଜୀବନର ସମସ୍ତ ବ୍ୟସ୍ତତା ସତ୍ତ୍ୱେ ସୃଜନାତ୍ମକ ଅଭିବ୍ୟକ୍ତିକୁ ପରିପ୍ରକାଶ କରିବାରେ ଏହି ପୁସ୍ତକ ଏକ ପ୍ରେରଣାପ୍ରଦ ଉଦ୍ୟମ ବୋଲି ଅତିଥିମାନେ କହିଥିଲେ। କବି ଗଣେଶ ତ୍ରିପାଠୀ ଓ ଗୋପକୃଷ୍ଣ ନାୟକ ଗଳ୍ପ ପୁସ୍ତକର ସମୀକ୍ଷା କରିଥିଲେ। ଭର୍ଚୁଆଲ ମୋଡରେ ଯୋଡିହୋଇ ବ୍ରହ୍ମପୁରରୁ କବି ସୁଶାନ୍ତ ଦାଶ ପୁସ୍ତକର ପାଠକୀୟତା ଆବୃତ୍ତି କାମନା କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା, ସୁନ୍ଦରଗଡ, ଝାରସୁଗୁଡା, ଭୁବନେଶ୍ୱରରୁ ବହୁ ସାହିତ୍ୟିକ ଭର୍ଚୁଆଲ ମୋଡରେ ଅଂଶଗ୍ରହଣ କରି ଆଲୋଚନା କରିଥିଲେ। ଯୁବ ଗାଳ୍ପିକ ବିବିଧ ବିଶ୍ୱ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### ଧାନବସ୍ତା ତଳେ ଚାପି ଶ୍ରମିକ ମୃତ, ଜଣେ ଆହତ

ଦେବଗଡ଼,୧୮।୧(ଡି.ଏନ.ଏ.)

ଦେବଗଡ ଥାନା ଅଧୀନ ବଣିଆଁକିଲିଣ୍ଡା ଗ୍ରାମରେ ଥିବା ଏକ ରାଇସ୍ ମିଲରେ ମଙ୍ଗଳବାର ଧାନବସ୍ତା ତଳେ ଚାପିହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତ ଶ୍ରମିକ ହେଲେ ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଧୀନ ଖଇରପଟି ଗ୍ରାମର ଟୁଲୁ ସାହୁ ଓ ସେ ଦେବଗଡ ଜିଲା ଆମ୍ବଖୋଲ ଗ୍ରାମର ଜଗନ୍ନାଥ ଉଦାବର ନାକମ ଜଣେ ଠିକାଦାରଙ୍କ ଜରିଆରେ ଉକ୍ତ ରାଇସ ମିଲରେ କାମ କରୁଥିଲେ ବୋଲି ଜଣାପଡିଛି। ଆହତଙ୍କ ପରିଚୟ ଜଣାପଡିନାହିଁ। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି। ଖବର ମୁତାବକ ସବୁଦିନ ଭଳି ମଙ୍ଗଳବାର ମଧ୍ୟ ଉକ୍ତ ରାଇସ ମିଲରେ ଶ୍ରମିକମାନେ ଗଦାରୁ ଧାନବସ୍ତା ଓହ୍ଲାଉଥିବା ବେଳେ ୨ଜଣ ଆହତ ହୋଇଥିଲେ। ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଟୁଲୁଙ୍କ ମୃତ୍ୟୁ ଘଟିଥିଲା।

## ରେଲୱେ ଦ୍ୱିତୀୟ ପ୍ରବେଶ ପଥ ବନ୍ଦ ନ କରିବାକୁ ଦାବି

ରାଉରକେଲା ଅଫିସ,୧୮।୧

କୋଭିଡ ମହାମାରୀ ଯୋଗୁ ରାଉରକେଲା ରେଲୱେ ଦ୍ୱିତୀୟ ପ୍ରବେଶ ପଥ ବନ୍ଦ ହେବନାହିଁ ବୋଲି ଜଣାପଡିଛି। ଏହି ପ୍ରବେଶ ପଥ ବନ୍ଦ ହୋଇଗଲେ ଅଟୋ ଚାଳକମାନଙ୍କ ଜୀବିକା ଉପରେ ପ୍ରଭାବ ପଡିବ। ଏଣୁ ସାମାଜିକ କର୍ମୀ ପ୍ରକାଶ ପାଶୱାନ ଓ ଅଟୋ ଚାଳକମାନେ ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କୁ ଉକ୍ତ ବିଷୟରେ ଅବଗତ କରାଇଥିଲେ। ଏଡିଏମ୍ ରେଲୱେ ଦ୍ୱିତୀୟ ପ୍ରବେଶ ପଥକୁ ସାନିଟାଇଜ କରିବା ସହ ଏହାକୁ ବନ୍ଦ ନ କରିବା ପାଇଁ ରେଲୱେ ଡିଆରଏମ୍‌ଙ୍କ ସହ ଆଲୋଚନା କରିଥିଲେ। ଶେଷରେ ଏହି ପ୍ରବେଶ ପଥକୁ ବନ୍ଦ ନ କରି ଏଠାରେ ସମସ୍ତ ଅଟୋ ଚାଳକ କୋଭିଡ୍ ନିୟମ ମାନିବା ପାଇଁ ପରାମର୍ଶ ଦିଆଯାଇଥିଲା।



ରେଲୱେ ଦ୍ୱିତୀୟ ପ୍ରବେଶ ପଥ ବନ୍ଦ ନ କରିବାକୁ ଦାବି କରାଯାଉଛି।

### ଦେବଗଡ଼: ୨ୟ ଦିନରେ ୭୮ ପ୍ରାର୍ଥିପତ୍ର ଦାଖଲ

ଦେବଗଡ଼,୧୮।୧(ଡି.ଏନ.ଏ.): ସୋମବାର ଠାରୁ ଆରମ୍ଭ ହୋଇଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ମନୋନୟନପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଥିବା ବେଳେ ମଙ୍ଗଳବାର ଦ୍ୱିତୀୟ ଦିନରେ ଦେବଗଡ଼ ଜିଲାର ୭୦ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୱାର୍ଡ ମେମ୍ବର ଓ ଜିଲା ପରିଷଦ ପାଇଁ ୭୮ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଥିମଧ୍ୟରୁ ସରପଞ୍ଚ ପାଇଁ୮ଜଣ, ସମିତିସଭ୍ୟ ପାଇଁ୬, ଜିଲା ପରିଷଦ ପାଇଁ ଜଣେ ଏବଂ ୱାର୍ଡମେମ୍ବର ପାଇଁ ୬୩ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମଙ୍ଗଳବାର ତିଳେଇବାଣୀ ବ୍ଲକ ସରପଞ୍ଚ ପାଇଁ ୩, ୱାର୍ଡମେମ୍ବର ପାଇଁ ୯ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ସମିତି ସଭ୍ୟ ପାଇଁ ମଙ୍ଗଳବାର ଓ ସୋମବାର ଜଣେ ଲେଖାଏଁ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି। ବାରକୋଟ ବ୍ଲକର ସରପଞ୍ଚ ଓ ସମିତିସଭ୍ୟ ପାଇଁ ମଙ୍ଗଳବାର କେହି ପ୍ରାର୍ଥୀପତ୍ର ଦାଖଲ କରି ନ ଥିବା ବେଳେ ୱାର୍ଡମେମ୍ବର ପାଇଁ ୨୯ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ରିଆମାଳ ବ୍ଲକ ସରପଞ୍ଚ ପଦବୀ ପାଇଁ ୫ଜଣ, ସମିତି ସଭ୍ୟ ପାଇଁ ଜଣେ ଏବଂ ୱାର୍ଡମେମ୍ବର ପାଇଁ ୨୫ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିବା ଜଣାପଡ଼ିଛି।

### ୪୨ ନାମାଙ୍କନପତ୍ର ଦାଖଲ

ଦେଓଗାଁ,୧୮।୧ (ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ନାମାଙ୍କନ ଦାଖଲର ଦ୍ୱିତୀୟ ଦିନରେ ୨୬ ପଞ୍ଚାୟତରୁ ସରପଞ୍ଚ ପଦ ଲାଗି ୫, ସମିତି ସଭ୍ୟ ପାଇଁ ୫ ଓ ୱାର୍ଡ ସଭ୍ୟ ପାଇଁ ୩୨ଜଣ ଏହିପରି ମୋଟ ୪୨ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସରପଞ୍ଚ ପ୍ରାର୍ଥୀ ପାଇଁ ଗାଇବାହାଲରୁ ଜଣେ, ଗୌରଗୋଠରୁ ଜଣେ, ଲଣ୍ଡାପଥର ୨ ଜଣେ, ରାମଚନ୍ଦ୍ରପୁର ଜଣେ, ସମିତି ସଭ୍ୟ ପାଇଁ ଗାଇବାହାଲରୁ ଜଣେ, ମୁକୁନ୍ଦପୁର ଜଣେ, ସାରସମାଳ ଜଣେ, ଉପରଝରରୁ ଦୁଇ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ବୋଲି ଜିପିଓ ପୁଷ୍ପାଞ୍ଜଳି ନାଏକ ସୂଚନା ଦେଇଛନ୍ତି।

## ୨୪ ଘଣ୍ଟା ନ ପୂରୁଣୁ ଫେରାଇଲେ ନାମାଙ୍କନପତ୍ର

ଦେବଗଡ଼,୧୮।୧(ଡି.ଏନ.ଏ.)

**ପାରପୋଷି ଗ୍ରାମପଞ୍ଚାୟତ**

ପଞ୍ଚାୟତ ବିରୋଧୀ ଘୋଷିତ ହେବା ଭୟରେ ସୋମବାର ନାମାନଙ୍କନ ଫର୍ମ କ୍ରୟ କରିଥିବା ଜଣେ ସରପଞ୍ଚ ପ୍ରାର୍ଥୀ ଉକ୍ତ ଫର୍ମକୁ ମଙ୍ଗଳବାର ପଞ୍ଚାୟତ ନିର୍ବାଚନ ଅଧିକରୀଙ୍କୁ ଫେରସ୍ତ କରିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଦେବଗଡ଼ ଜିଲା ତିଳେଇବଣି ବ୍ଲକ ଅନ୍ତର୍ଗତ ପାରପୋଷି ଗ୍ରାମପଞ୍ଚାୟତରେ।

ସୂଚନା ଅନୁଯାୟୀ, ଆଦିବାସୀ ଅଧ୍ୟୁଷିତ ତିଳେଇବଣି ବ୍ଲକର ପାରପୋଷି, ଗଣ୍ଡମ, ଝରାଗୋଗୁଆ ଓ ଡିମିରିକୁଦା ପଞ୍ଚାୟତ ଲୋକେ ମୋବଇଲ ସେବା ଯୋଗାଇବା ନିମନ୍ତେ ଦୀର୍ଘବର୍ଷ ହେବ ଦାବି କରି ଆସୁଛନ୍ତି। କିନ୍ତୁ ସେମାନଙ୍କ ଦାବି ଆଜି ଯାଏ ପୂରଣ ହୋଇନାହିଁ। ଫଳରେ ଉପରୋକ୍ତ ୪ଟି ପଞ୍ଚାୟତବାସୀ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ଝରାଗୋଗୁଆ ପଞ୍ଚାୟତବାସୀ ପ୍ରାର୍ଥୀପତ୍ର ଦାଖଲ ନ କରିବା ପାଇଁ ଗାଁକୁ ଗାଁ ଗାଡିରେ ବୁଲି ଡାକବାଜି ଯନ୍ତ୍ର ସାହାଯ୍ୟରେ କୁହାଯାଇଛି। ଯଦି କେହି ପ୍ରାର୍ଥୀପତ୍ର ଦାଖଲ କରନ୍ତି ତେବେ ତାଙ୍କୁ ପଞ୍ଚାୟତ ବିରୋଧୀ ଆଖ୍ୟା ଦିଆଯିବ ବୋଲି ଘୋଷଣା କରାଯାଇଛି। ତେବେ ପାରପୋଷି ପଞ୍ଚାୟତବାସୀଙ୍କ ଭୋଟ ବର୍ଜନ ନିଷ୍ପତ୍ତିକୁ ନ ମାନି ସୋମବାର ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିନତା କିଷାନ ସରପଞ୍ଚ ପଦବୀ ନିମନ୍ତେ ଏକ ନାମାଙ୍କନ ପତ୍ର ଫର୍ମ କ୍ରୟ କରିଥିଲେ। ଅଞ୍ଚଳବାସୀଙ୍କ ଚାପ ଏବଂ ପଞ୍ଚାୟତ ବିରୋଧୀ ଆଖ୍ୟା ଦେବା ଚେତାବନୀ ଭୟରେ ଏହାର ୨୪ ଘଣ୍ଟା ନ ପୂରୁଣୁ ମଙ୍ଗଳବାର ଉକ୍ତ ନାମାଙ୍କନପତ୍ର ଫର୍ମ ପଞ୍ଚାୟତ ନିର୍ବାଚନ ଅଧିକାରୀ ଶୁକ୍ରୁ ବାର୍ଲାଙ୍କୁ ସର୍ବସମ୍ମୁଖରେ ଫେରସ୍ତ କରିଥିଲେ। ଏ ସମ୍ପର୍କରେ ବିନତା କିଷାନ ଏବଂ ପଞ୍ଚାୟତ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ଶୁକ୍ରୁ ବାର୍ଲାଙ୍କୁ ମୋବାଇଲରେ ଯୋଗାଯୋଗ କରିବାରୁ ଏହା ସମ୍ଭବ ହୋଇନାହିଁ। ତିଳେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ପଚାରିବାରୁ ମୋ ନିକଟରେ ଏ ନେଇ କୌଣସି ସୂଚନା ନ ଥିବା ପ୍ରକାଶ କରିବା ସହ ନାମଙ୍କନ ପତ୍ର ଫର୍ମ କ୍ରୟ ପରେ ଆଉ ଫେରସ୍ତ ବ୍ୟବସ୍ଥା ନ ଥିବା ପ୍ରକାଶ କରିଛନ୍ତି। ତେବେ ଅଞ୍ଚଳବାସୀଙ୍କ ଏଭଳି ନିଷ୍ପତ୍ତି ପରେ ଅଞ୍ଚଳବାସୀଙ୍କୁ ବୁଝାଇବା ପାଇଁ ପ୍ରଶାସନିକସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ଏହି କ୍ରମରେ ମଙ୍ଗଳବାର ଦେବଗଡ ତହସିଲଦାର ପଲ୍ଲବୀ ନାୟକ ଉକ୍ତ ଅଞ୍ଚଳ ଗସ୍ତକରି ଆନ୍ଦୋଳନକାରୀମାନଙ୍କୁ ବୁଝାଇବାକୁ ଉଦ୍ୟମ କରି ବିଫଳ ହୋଇଥିବା ସୂଚନା ମିଳିଛି। ବୁଧବାର ପୁଣି ଥରେ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ଅଞ୍ଚଳ ଯାଇ ଲୋକଙ୍କ ସହ ଅଲୋଚନା କରିବେ ବୋଲି ଜଣାପଡ଼ିଛି।

## ବିଜେଡିର ଜିଲା ପରିଷଦ ପ୍ରାର୍ଥୀ ତାଲିକା ଘୋଷଣା

**ତଳସରା ଓ ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀ**

ସୁନ୍ଦରଗଡ,୧୮।୧ (ଡି.ଏନ୍.ଏ)

ସୁନ୍ଦରଗଡ଼ ଜିଲା ତଳସରା ଓ ବୀରମିତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଜିଲା ପରିଷଦ ଆସନ ପାଇଁ ବିଜେଡିର ଚୂଡାନ୍ତ ପ୍ରାର୍ଥୀ ତାଲିକା ମଙ୍ଗଳବାର ଘୋଷଣା ହୋଇଛି। କୁଆଁରମୁଣ୍ଡା ବ୍ଲକ ‘କ’ ଜୋନ ପାଇଁ ନାଭଲେ କେରକେଟା ଓ ‘ଖ’ ଜୋନ୍ ପାଇଁ ରାଜେନ୍ଦ୍ର କୁଜୁର, ନୂଆଗାଁ ବ୍ଲକ ‘କ’ ଜୋନ୍ ପାଇଁ ସୁଶ୍ରୀଜ୍ୟୋତି ଟେଟେ, ‘ଖ’ ଜୋନ ପାଇଁ ପୂର୍ବତନ ବ୍ଲକ ଅଧ୍ୟକ୍ଷା ସୁଶୀଳା ଟପ୍ପୋ ଏବଂ ବିଶ୍ରା ବ୍ଲକ ‘କ’ ଜୋନ୍ ପାଇଁ ପୂର୍ବତନ ବିଧାୟକ ହାଲୁ ମୁଣ୍ଡାରୀ ଓ ‘ଖ’ ଜୋନ୍ ପାଇଁ ଦଶମୀ ମିଞ୍ଜଙ୍କ ନାମ ଘୋଷଣା କରାଯାଇଛି। ସେହିପରି ତଳସରା ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବଡଗାଁ ବ୍ଲକ ‘କ’ ଜୋନ୍ ପାଇଁ ଅମୀୟ କୁମାର ପ୍ରଧାନ, ‘ଖ’ ଜୋନ୍ ପାଇଁ ସୋନାଲି ଲାକ୍ରା, ବାଲିଶଙ୍କରା ବ୍ଲକ ‘କ’ ଜୋନ୍ ପାଇଁ ବିନୋଦ କୁମାର କୁଜୁର, ‘ଖ’ ଜୋନ୍ ପାଇଁ ଜୟନ୍ତୀ ଏକ୍କା, ସବଡେଗା ବ୍ଲକ ‘କ’ ଜୋନ୍ ପାଇଁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋଜ ବରୁଆ, ‘ଖ’ ଜୋନ୍ ପାଇଁ ଜଲନି କେରକେଟା ଓ ଲେଫ୍ରିପଡା ବ୍ଲକ ‘ଖ’ ଜୋନ୍ ପାଇଁ ବୈଷ୍ଣବ ମାଝିଙ୍କ ନାମ ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଏହି ତାଲିକା ଘୋଷଣା କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି।

## ୧୮ ଜିଲା ପରିଷଦ ଆସନରେ ପ୍ରାର୍ଥୀ ଚୂଡାନ୍ତ




ଭାଜପା ନେତୃତ୍ୱଙ୍କ ଗହଣରେ ଉପସ୍ଥିତ ଦଳୀୟ ପ୍ରାର୍ଥୀବୃନ୍ଦ।

ସୁନ୍ଦରଗଡ,୧୮।୧(ଡି.ଏନ୍.ଏ)

**ଭାଜପା ସୁନ୍ଦରଗଡ ସାଙ୍ଗଠନିକ ଜିଲା**

ସୁନ୍ଦରଗଡ ସାଙ୍ଗଠନିକ ଜିଲା ଅଧୀନ ୧୮ଟି ଜିଲା ପରିଷଦ ଆସନର ଚୂଡାନ୍ତ ପ୍ରାର୍ଥୀ ତାଲିକା ମଙ୍ଗଳବାର ଭାଜପା ପକ୍ଷରୁ ଘୋଷଣା କରାଯାଇଛି। ଏ ନେଇ ଭୋଜପୁର ସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୁନ୍ଦରଗଡ ସାଙ୍ଗଠନିକ ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀଶଙ୍କର ଭୋଇ ସୂଚନା ଦେଇଛନ୍ତି। ସୁନ୍ଦରଗଡ, ତଳସରା ଓ ରାଜଗାଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ୧୮ଟି ଜୋନ୍‌ରେ ଜିଲା ସଭାପତିଙ୍କ ଅନୁମୋଦନ କ୍ରମେ ଉକ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି।

ଘୋଷିତ ତାଲିକା ଅନୁସାରେ ସୁନ୍ଦରଗଡ ବିଧାନସଭା ନିର୍ବାଚନମଣ୍ଡଳୀର ହେମଗିର ବ୍ଲକ- କ ଆସନରେ ଲକ୍ଷ୍ମଣ ସେଠ୍, ହେମଗିର-ଖ ଆସନରେ ସବିତା ଦଣ୍ଡସେନା, ଲେଫ୍ରିପଡା -କ ଆସନରେ ରାଜେଶ ସୋରେଙ୍ଗ, ଟାଙ୍ଗରପାଲି-କ ଆସନରେ ପୂଜା ପଟେଲ, ଟାଙ୍ଗରପାଲି-ଖ ଆସନରେ ସରସ୍ୱତୀ ଓରାମ, ସୁନ୍ଦରଗଡ ସଦର ବ୍ଲକ-କ ଆସନରେ ପ୍ରବୀଣ କୁମାର ନାଏକ, ସୁନ୍ଦରଗଡ ସଦର-ଖ ଆସନରେ ବନ୍ଦନା ଅଗ୍ରୱାଲ, ତଳସରା ବିଧାନସଭା ଆସନର ଲେଫ୍ରିପଡା-ଖ ଆସନରେ ସଂଯୁକ୍ତା ବୁଖରା, ବାଲିଶଙ୍କରା ବ୍ଲକ-କ ଆସନରେ ଡିଲେଶ୍ୱର ନାଏକ, ବାଲିଶଙ୍କରା-ଖ ଆସନରେ ଯଶନ୍ତୀ ଏକ୍କା, ସବଡେଗା ବ୍ଲକ-କ ଆସନରେ ଫିଲିସିତା ଲାକ୍ରା, ସବଡେଗା-ଖ ଆସନରେ ରଇବାରୀ ଓରାମ, ବଡଗାଁ ବ୍ଲକ-କ ଆସନରେ ବସନ୍ତ ଦଣ୍ଡସେନା, ବଡଗାଁ-ଖ ଆସନରେ ଲକ୍ଷ୍ମୀ ନାଏକ, କୁତ୍ରା ବ୍ଲକ-କ ଆସନରେ ଗୀତା ମହାନନ୍ଦିଆ, କୁତ୍ରା-ଖ ଆସନରେ ଜୁନାସ ଲୁଗୁନ୍, ରାଜଗାଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ ରାଜଗାଙ୍ଗପୁର ବ୍ଲକ-କ ଆସନରେ ମଞ୍ଜୁ ଲାକ୍ରା ଓ ରାଜଗାଙ୍ଗପୁର-ଖ ଆସନରେ ଗାଙ୍ଗୀ କିଣ୍ଡୋଙ୍କୁ ଦଳ ତରଫରୁ ପ୍ରାର୍ଥୀ କରାଯାଇଛି। ଖବରଦାତା ସମ୍ମିଳନୀରେ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ବଟକିଶୋର ମିଶ୍ର, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରେମସାଗର ଓରାମ, ଜିଲା ସମ୍ପାଦକ ସୁଖଲାଲ ମୁଣ୍ଡା, ଆଡଭୋକେଟ ଉମାଶଙ୍କର ପଟେଲ ପ୍ରମୁଖ ଜିଲା ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ୩ ବାଲ୍ୟ ବିବାହ ରୋକିଲା ପ୍ରଶାସନ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ପଞ୍ଚାୟତ ସଦର ମହକୁମାରେ ୩ଟି ବାଲ୍ୟ ବିବାହକୁ ମଙ୍ଗଳବାର ବନ୍ଦ କରିଛି ଚାଇଲ୍ଡଲାଇନ ଓ ଜିଲା ପ୍ରଶାସନ। ଲୋଇସିଂହା ନୂଆପଡାର ଜଣେ ଓ ଚମାରପାଡର ଦୁଇ ନାବାଳିକାଙ୍କ ନିର୍ବନ୍ଧ ସରିବା ସହ ବିବାହ ତାରିଖ ସ୍ଥିରୀକୃତ ହୋଇଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ଚାଇଲ୍ଡଲାଇନକୁ ମିଳିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସିଡିପିଓ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀ ପ୍ରଜ୍ଞା ବାରିକ, ପୋଲିସ ଏସଆଇ ନବୀନ ଭୋଇ, ଆଇସିଡିଏସ ସୁପରଭାଇଜର ସୁନନ୍ଦା ମିଶ୍ର, ସ୍ଥାନୀୟ ଅଙ୍ଗନବାଡି କର୍ମୀ, ଚାଇଲ୍ଡ ଲାଇନ ସଦସ୍ୟ ୩ ନାବାଳିକାଙ୍କ ଘରେ ପହଞ୍ଚି ଥିଲେ।

## ସଂକ୍ଷେପରେ

### ଆଜି ସକାଳ ୮ଟାରୁ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ

ସମ୍ବଲପୁର,୧୮।୧(ବ୍ୟୁରୋ): ଓପିଟିସିଏଲ ୧୩୨/୩୩ କେଭି ବରପାଲି ଗ୍ରୀଡ୍ ସବଷ୍ଟେଶନରେ ବୁଧବାର ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟ ହେବ। ତେଣୁ ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏହି ସମୟରେ ସେବା ବନ୍ଦ ହେବାକୁ ଥିବା ଅଞ୍ଚଳ ହେଲା ବରଗଡ ପଶ୍ଚିମ ବିଦ୍ୟୁତ୍ ଡିଭିଜନ ଅଧୀନ ବରପାଲି, ସରଣ୍ଡାପାଲି, ଚରମୁଣ୍ଡା, ମେଲଛାମୁଣ୍ଡା, ବାଲିଟିକିରା ଓ ସୁବର୍ଣ୍ଣପୁର ବିଦ୍ୟୁତ୍ ଡିଭିଜନ ଅଧୀନ ପଣ୍ଡାକିଟାଲ, ଭାଟବାହାଲି ଏବଂ ବଲାଙ୍ଗୀର ବିଦ୍ୟୁତ୍ ଡିଭିଜନର ଆଗଲପୁର, ଭରସୁଜା। ରକ୍ଷଣାବେକ୍ଷଣ ଜରୁରୀ ଥିବାରୁ ବିଦ୍ୟୁତ୍ ଉପଭୋକ୍ତା ସହଯୋଗ କରିବାକୁ କମ୍ପାନୀ ପକ୍ଷରୁ ଅନୁରୋଧ କରାଯାଇଛି। ଏ ନେଇ ମଙ୍ଗଳବାର ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟ କର୍ପୋରେଟ କମ୍ୟୁନିକେଶନ ଓ ସହକାରୀ ସମ୍ପର୍କ ଅଧିକାରୀ ମନୋଜ ପଟ୍ଟନାୟକ ପ୍ରେସ ବିବୃତିରେ ସୂଚିତ କରିଛନ୍ତି।

### ନାକଟିଦେଉଳ ବ୍ଲକ: ୨ୟ ଦିନରେ ୧୪ଜଣ କଲେ ନାମାଙ୍କନ

ନାକଟିଦେଉଳ,୧୮।୧(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକରେ ଆସନ୍ତା ଫେବୃୟାରୀ ୧୮ରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବ। ମଙ୍ଗଳବାର ଦ୍ୱିତୀୟ ଦିନରେ ବ୍ଲକରେ ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡ଼ ସଭ୍ୟ ପାଇଁ ୧୪ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସମୁଦାୟ ୧୭୫ ୱାର୍ଡ଼ ସଭ୍ୟ ପାଇଁ ୧୧ଜଣ, ୧୪ ସରପଞ୍ଚ ପଦବୀ ପାଇଁ ୨ଜଣ ଓ ୧୪ ସମିତିସଭ୍ୟ ପଦବୀ ପାଇଁ ଜଣେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସୋମବାର ପ୍ରଥମ ଦିନରେ ୧୬ଜଣ ୱାର୍ଡ଼ ସଭ୍ୟ ପାଇଁ ଓ ଜଣେ ସମିତିସଭ୍ୟ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡ଼ିଛି।

### ୨୧୪ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

ସମ୍ବଲପୁର,୧୮।୧(ବ୍ୟୁରୋ): ପଞ୍ଚାୟତ ନିର୍ବାଚନ ପାଇଁ ମଙ୍ଗଳବାର ଜିଲାର ମୋଟ ୨୧୪ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେଥିମଧ୍ୟରୁ ୧୭୨ ୱାର୍ଡ ସଭ୍ୟା ସଭ୍ୟ, ୨୬ ସରପଞ୍ଚ, ୧୬ଜଣ ସମିତି ସଭ୍ୟାସଭ୍ୟ ରହିଛନ୍ତି। ପ୍ରଥମ ଦିନକୁ ମିଶାଇଲେ ମୋଟ ପ୍ରାର୍ଥୀପତ୍ର ସଂଖ୍ୟା ୩୧୦ରେ ପହଞ୍ଚିଛି। ଦ୍ୱିତୀୟ ଦିନରେ ମଧ କୌଣସି ଦଳ ପକ୍ଷରୁ ଜିଲା ପରିଷଦ ପଦ ପାଇଁ ନାମାଙ୍କନପତ୍ର ଦାଖଲ କରାଯାଇ ନାହିଁ।

### ଦ୍ୱିତୀୟ ଦିନରେ ୫୯ ନାମାଙ୍କନ ଦାଖଲ

ଝାରସୁଗୁଡ଼ା ଅଫିସ,୧୮।୧: ତ୍ରିସ୍ତରୀୟ ନିର୍ବାଚନ ପାଇଁ ଝାରସୁଗୁଡା ଜିଲାରେ ସୋମବାର ୯୪ ନାମାଙ୍କନ ପତ୍ର ଓ ମଙ୍ଗଳବାର ଦ୍ୱିତୀୟ ଦିନରେ ୫୯ ପ୍ରାର୍ଥୀପତ୍ର ଦାଖଲ ହୋଇଛି। ଲଖନପୁର ବ୍ଲକ୍‌ରେ ସରପଞ୍ଚ ୬, ସମିତିସଭ୍ୟ ୧, ୱାର୍ଡ ମେମ୍ବର ୨୧, ଝାରସୁଗୁଡା ବ୍ଲକ୍‌ରେ ସରପଞ୍ଚ ୨, ସମିତିସଭ୍ୟ ୧, ୱାର୍ଡମେମ୍ବର ୯, କିର୍ମିରା ବ୍ଲକ୍‌ରେ ୱାର୍ଡ ମେମ୍ବର ୬, କୋଲାବିରା ବ୍ଲକ୍‌ରେ ସରପଞ୍ଚ ୧, ସମିତସଭ୍ୟ ୨, ୱାର୍ଡ ମେମ୍ବର ୬, ଲଇକେରା ବ୍ଲକ୍‌ରେ ସରପଞ୍ଚ ୧, ୱାର୍ଡ ମେମ୍ବର ୩ ନାମାଙ୍କନ ପତ୍ର ଦାଖଲ ହୋଇଛି। ହେଲେ କୌଣସି ରାଜନୈତିକ ଦଳ ତରଫରୁ ଜିଲା ପରିଷଦ ଆସନ ସକାଶେ ନାମାଙ୍କନ ପତ୍ର ଦାଖଲ ହୋଇ ନାହିଁ।

### ଜାତୀୟ ଯୁବ ସପ୍ତାହ ପାଳିତ

ଅମରପାଲି,୧୮।୧(ଡି.ଏନ.ଏ.): ନେହେରୁ ଯୁବକେନ୍ଦ୍ର ସୁବର୍ଣ୍ଣପୁର ଓ ଭୀମ ଭୋଇ ସେବା ସଂଘ ଜଟେସିଂହା ମିଳିତ ଆନୁକୂଲ୍ୟରେ ବୀରମହାରାଜପୁର ବ୍ଲକ ଜଟେସିଙ୍ଘାଠାରେ ଜାତୀୟ ଯୁବ ସପ୍ତାହର ଦକ୍ଷତା ବିକାଶ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ରର ଯୁବ ସ୍ୱେଚ୍ଛାସେବୀ ସୁଦର୍ଶନ ଭରାସାଗର ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ବସନ୍ତ ସାହୁ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ମାର୍ଗ, ନୀତି, ଆଦର୍ଶ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଲକ୍ଷ୍ମଣ ସାହୁ ଓ ଦିନେଶ ବିଶାଳ ଯୋଗଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ସାମାଜିକ ନିୟମକୁ ପାଳନ ପୂର୍ବକ ଦକ୍ଷତା ବିକାଶ କିପରି ହୋଇ ପାରିବ, ଦକ୍ଷତା ବିକାଶ ଦିଗରେ ଉପୁଜୁ ଥିବା ସମସ୍ୟା ଓ ତାର ସମାଧାନ ବିଷୟରେ ଏକ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଶେଷରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମନୋରଞ୍ଜନ ଜଗଦଲା ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

## ଘରୋଇ ବିଦ୍ୟାଳୟକୁ ସହାୟତା ଦାବି

ସମ୍ବଲପୁର,୧୮।୧(ବ୍ୟୁରୋ)


ଘରୋଇ ବିଦ୍ୟାଳୟ ସଂଘ ପକ୍ଷରୁ ଏଡିଇଓଙ୍କୁ ସ୍ମାରକପତ୍ର ଦିଆଯାଉଛି।

କରୋନା ମହାମାରୀ ପ୍ରଭାବରେ ସମ୍ବଲପୁର ଜିଲାର ସମସ୍ତ ଘରୋଇ ବିଦ୍ୟାଳୟ ଅବସ୍ଥା ଦୟନୀୟ ହୋଇପଡିଛି। ପ୍ରାୟ ୨୧ମାସ ହେବ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ବିଗତ ୫ବର୍ଷ ହେବ ଆର୍‌ଟିଇ ଯୋଜନାରେ ପଢୁଥିବା ୨୫ ପ୍ରତିଶତ ଛାତ୍ରୀଛାତ୍ରଙ୍କ ଫି' ରାଜ୍ୟ ସରକାର ପୈଠ କରିନାହାନ୍ତି। ଅପରପକ୍ଷେ ଅନ୍‌ଲାଇନ ପାଠପଢ଼ା ସତ୍ତ୍ୱେ କରୋନା କଟକଣା ଯୋଗୁ ଅବିଭାବକମାନେ ମଧ ଠିକ ଭାବେ ଫି' ଦେଇ ନାହାନ୍ତି। ଯଦ୍ୱାରା ଘରୋଇ ବିଦ୍ୟାଳୟଗୁଡିକ ଆର୍ଥିକ ସଙ୍କଟ ଦେଇ ଗତି କରୁଛି। ଏପରି କି ଘରଭଡା, ବିଦ୍ୟୁତ୍ ଦେୟ, ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦରମା ନିୟମିତ ଦେବା ଲାଗି ଅସମର୍ଥ ହେଲେଣି। ତେଣୁ ରାଜ୍ୟ ସରକାର ଘରୋଇ ବିଦ୍ୟାଳୟଗୁଡିକୁ ଆର୍ଥିକ ସହାୟତା ସହ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି। ମଙ୍ଗଳବାର ଏ ନେଇ ନିଖିଳ ଓଡ଼ିଶା ଘରୋଇ ବିଦ୍ୟାଳୟ ସଂଘ ସମ୍ବଲପୁର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଶିକ୍ଷା ଅଧିକାରୀ ଡ. ମୁରଲୀଧର ବେହେରା ସ୍ମାରକପତ୍ର ଗ୍ରହଣ କରିଥିଲେ। ପ୍ରତିନିଧି ଦଳରେ ଈଶ୍ୱର ପ୍ରସାଦ ପାଣିଗ୍ରାହୀ, ଗୋବିନ୍ଦ ଚନ୍ଦ୍ର ଦାଶ, ହରିଶଚନ୍ଦ୍ର ଦାଶ, ବଦ୍ରିପ୍ରସାଦ ଦାଶ, ଶୁଭେନ୍ଦୁ ଭୋଇ, ଭବାନୀ କପାନୀ ସାମିଲ ଥିଲେ।

# ଭାଜପାର ଜିଲାପରିଷଦ ପ୍ରାର୍ଥୀ ଘୋଷଣା

ସମ୍ବଲପୁର,୧୮।୧(ବ୍ୟୁରୋ)

ପଞ୍ଚାୟତ ନିର୍ବାଚନ ପାଇଁ ମଙ୍ଗଳବାର ଜିଲା ଭାଜପା ପକ୍ଷରୁ ଜିଲାପରିଷଦ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇଛି। ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନ କ୍ରମେ ଜିଲା ସଭାପତି ଗିରିଶ ପଟେଲ ଘୋଷଣା କରିଛନ୍ତି। ମୋଟ ୧୮ ଆସନରୁ ୧୬ ଆସନ ପାଇଁ ତାଲିକା ପ୍ରକାଶ ପାଇଛି। କୁଚିଣ୍ଡା ଜୋନ ୧ ଓ ରେଙ୍ଗାଲି ଜୋନ ୨କୁ ବାଦ୍ ଦିଆଯାଇଛି। ବାମରା ବ୍ଲକ ଜୋନ ୧ରେ ଦେଓକିରଣ ଲୁହା, ଜୋନ ୨ ସୁନୀଲ ଦାଶ, କୁଚିଣ୍ଡା ଜୋନ ୨ ଦିବ୍ୟରାଜ କିସାନ, ଜମନକିରା ବ୍ଲକରେ ଜୋନ ୧ ଶ୍ରୀମୟନ୍ତି ବେହେରା, ଜୋନ ୨ରେ ସବିତା ଦେଇ, ରେଙ୍ଗାଲି ବ୍ଲକରେ ଜୋନ ୧ ପ୍ରିୟମ୍ବଦା ବେହେରା, ଧନକଉଡା ବ୍ଲକ ଜୋନ ୧ରେ ପ୍ରଶାନ୍ତ ବାରିକ, ଜୋନ ୨ରେ ଲିଲିଶ୍ରୀ ସରଭାଙ୍ଗିଆ, ମାନେଶ୍ୱର ବ୍ଲକ ଜୋନ ୧ ପିଙ୍କି ଓରାମ, ଜୋନ ୨ ଅହଲ୍ୟା ସେଠ, ଯୁଯୁମୁରା ବ୍ଲକ ଜୋନ ୧ ଟିକି ପ୍ରଧାନ, ଜୋନ ୨ରେ କୈଳାସ ବାଗ, ରେଢାଖୋଳ ବ୍ଲକ ଜୋନ ୧ରେ ହୀରାବତି ପ୍ରଧାନ, ଜୋନ ୨ରେ ଶରତ ପ୍ରଧାନ, ନାକଟିଦେଉଳ ବ୍ଲକରେ ଜୋନ ୧ ବିନୋଦିନି ପ୍ରଧାନ, ଜୋନ ୨ରେ ଲୋଚନ ଗଡତିଆଙ୍କ ନାମ ରହିଛି। ଗତ ନିର୍ବାଚନରେ ନାଉଟିଦେଉଳ ବ୍ଲକ ଜୋନ ୧ରୁ ଲୋଚନ ଗଡତିଆ ବିଜୟୀ ହୋଇଥିଲେ। ଅନ୍ୟ ପ୍ରାର୍ଥୀମାନଙ୍କ ମଧ୍ୟରେ ସମସ୍ତେ ନୂଆ ଚେହେରା। ଭାଜପା ପରିବାର ସହିତ ଜଡିତ ଥିବା କାର୍ଯ୍ୟକର୍ତ୍ତାଙ୍କୁ ଦଳ ପ୍ରାର୍ଥୀ କରିଛି। ଅନ୍ୟ ଦୁଇ ଜୋନ ପାଇଁ ପ୍ରାର୍ଥୀଙ୍କ ଶୀଘ୍ର ଘୋଷଣା କରାଯିବ ବୋଲି ଜିଲା ସଭାପତି ପଟେଲ କହିଛନ୍ତି।

# ନିର୍ବାଚନ ଆଚରଣ ବିଧି ନେଇ ସର୍ବଦଳୀୟ ବୈଠକ

ଝାରସୁଗୁଡ଼ା ଅଫିସ,୧୮।୧

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ କମିଶନର ଆଚରଣବିଧି ଲାଗୁ କରିଛନ୍ତି। ଏହାକୁ ଅବାଧ ଓ ମୁକ୍ତ ଭାବରେ କରିବା ପାଇଁ ଝାରସୁଗୁଡା ଜିଲା ପ୍ରଶାସନ ତରଫରୁ ମଙ୍ଗଳବାର ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପଞ୍ଚାୟତ ଅଧିକାରୀ ଅମ୍ବରିଶ ରଥ ଏହାକୁ ପରିଚାଳନା କରିଥିଲେ। ଜିଲାପାଳ ସାମଲ ନିର୍ବାଚନ ଆଚରଣ ବିଧି ଓ କୋଭିଡ୍ ନିୟମ ସମ୍ପର୍କରେ ବୁଝାଇଥିଲେ। ଏକ ଶାନ୍ତିପ୍ରିୟ ଜିଲା ଭାବେ ଅଭିହିତ କରି ନିର୍ବାଚନକୁ ଅପରାଧ ରହିତ କରିବା ପାଇଁ ଏସ୍‌ପି ବିକାଶ ଚନ୍ଦ୍ର ଦାସ ପରାମର୍ଶ ଦେଇଥିଲେ। ଆଚାର ସଂହିତାର ନୀତିନିୟମ ବିଷୟରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ ଧନ୍ୟବାଦ ଦେଇଥିଲେ।


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ, ରାଜନୈତିକ ଦଳର ନେତାମାନେ।

## କୁଚିଣ୍ଡା ବ୍ଲକ: ଦ୍ୱିତୀୟ ଦିନରେ ୨୮ ନାମାଙ୍କନ

କୁଚିଣ୍ଡା,୧୮।୧(ଡି.ଏନ.ଏ.)

କୁଚିଣ୍ଡା ବ୍ଲକରେ ମଙ୍ଗଳବାର ୱାର୍ଡମେମ୍ବର, ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ ପାଇଁ ୨୮ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସୋମବାର ୫ ୱାର୍ଡମେମ୍ବର ଓ ଜଣେ ସରପଞ୍ଚଙ୍କୁ ମିଶାଇ ସମୁଦାୟ ୩୪ ଜଣଙ୍କ ନାମାଙ୍କନପତ୍ର ଦାଖଲ ହୋଇଥିବା ନିବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାଯାଇଛି। ମଙ୍ଗଳବାର ଦାଖଲ ହୋଇଥିବା ନାମାଙ୍କନରେ ୨୧ ୱାର୍ଡମେମ୍ବର, ୩ ସରପଞ୍ଚ ଓ ୪ ସମିତିସଭ୍ୟ ଅଛନ୍ତି। ସମିତିସଭ୍ୟ ଭାବେ ବାଉଁଶଗୋଡା ପଞ୍ଚାୟତର ସୁକାନ୍ତ ନାଏକ ଓ ପ୍ରଦୀପ ନାୟକ, ପାଟୁଆଭାଡି ପଞ୍ଚାୟତର ରିଙ୍କୁ କୁସୁମ ଓ ଚନ୍ଦନିମାଲ ପଞ୍ଚାୟତର ଝରଣା ରୋହିଦାସ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

## ମହିମା ଆଶ୍ରମରେ ୧୪୪ ଧାରା

ଝାରସୁଗୁଡ଼ା ଅଫିସ,୧୮।୧

ପୌଷ ପୂର୍ଣ୍ଣିମା ଅବସରରେ ପଞ୍ଚଗାଁ ବିଜାପାଲି ମହିମା ଆଶ୍ରମରେ ବିଶ୍ୱାଶାନ୍ତି ବ୍ରହ୍ମଯଜ୍ଞ ଅନୁଷ୍ଠିତ ହୋଇଥାଏ। ଏଠାରେ ପ୍ରତିବର୍ଷ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଚଳିତବର୍ଷ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ତରଫରୁ ଆଶ୍ରମରେ ୧୪୪ ଧାରା କରାଯାଇଛି। ଆଶ୍ରମକୁ ସଂଯୋଗ ହୋଇଥିବା ବିଭିନ୍ନ ରାସ୍ତାକୁ ପୋଲିସ ଜଗିରହିଛି। ୧୪୪ଧାରା ସମ୍ପର୍କରେ ଜାଣି ନ ଥିବା ଶ୍ରଦ୍ଧାଳୁମାନେ ନିରାଶ ହୋଇ ଫେରିଥିଲେ। ଆଶ୍ରମରେ ଅଳ୍ପ ସଂଖ୍ୟକ ଶ୍ରଦ୍ଧାଳୁଙ୍କୁ ନେଇ କୋଭିଡ୍ କଟକଣା ମଧ୍ୟରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ପାଳିତ ହୋଇଯାଇଛି। ଏଥିରେ ବ୍ରହ୍ମାବଧୂତ ବୀରେନ୍ଦ୍ର ବାବା, ତୁଳାରାମ ବାବା, ଛାୟାକାନ୍ତ ବାବାଙ୍କ ସମେତ ସାଧୁସନ୍ଥ ଯୋଗଦେଇଥିଲେ। ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି ଓ ମହିମା କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ଛନ୍ଦା ଚରଣ ଭୋଇ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଭୋଇଙ୍କୁ ବାବା ବୈଷ୍ଣବ ଚରଣ ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ବିବେକାନନ୍ଦ ଜୟନ୍ତୀ

କୁଚିଣ୍ଡା,୧୮।୧(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଡୁରେଇନିକ୍ରିମାଲ ଗ୍ରାମର ମହାତ୍ମା ଗାନ୍ଧି ଆଦିବାସୀ ଯୁବକ ସଂଘ ପକ୍ଷରୁ ସୋମବାର ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ସଂଘ ସଭାପତି ମନବୋଧ କିସାନଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ ଭୁବନେଶର କିସାନ ମୁଖ୍ୟଅତିଥି, ଅର୍ଜୁନ ବର ମୁଖ୍ୟବକ୍ତାଓ ଅଚ୍ୟୁତ ବର, ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ରାଜେଶରୀ କିସାନ, ମୋନିକା ବେଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିବେକାନନ୍ଦଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ଯୁବକମାନେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଯୁବକ ସଂଘ ସମ୍ପାଦକ ତରଣୀ ମାଝି ଧନ୍ୟବାଦ ଦେଇଥିଲେ। ଏଥିରେ ଯୁଗଳ କିସାନ, ଧୀରଜ କିସାନ, ବାବୁଲୁ କିସାନ, ଉମା କିସାନ, ପିଣ୍ଟୁ କିସାନ ପ୍ରମୁଖ ସହଯୋଗ କରିଥିଲେ।

## ବ୍ୟାଟେରି ଚୋରି ଅଭିଯୋଗରେ ୪ ଗିରଫ


ଗିରଫ ୪ ଅଭିଯୁକ୍ତ।

କୁଚିଣ୍ଡା, ୧୮।୧(ଡି.ଏନ.ଏ.)

କୁଚିଣ୍ଡା ଥାନା ବକ୍ସମା ଗ୍ରାମରେ ଟ୍ରାକ୍ଟର ବ୍ୟାଟେରି ଚୋରି ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରିବା ସହ ଚୋରି ବ୍ୟାଟେରି ଉଦ୍ଧାର କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ୧୨/୨୨) ରୁଜୁ କରିବା ସହ ଗିରଫ ବକ୍ସମା ଗ୍ରାମର ଦୀପକ ମାକର, ସଞ୍ଜୀବ ଜର୍ଡିଆ, ପ୍ରଭାତ ରାଉତ ଓ ଚୋରି ବ୍ୟାଟେରି କିଣିଥିବା କୁଚିଣ୍ଡାର ଏସ୍.କେ. ସିକନ୍ଦରଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ସୋମବାର ଭୋର ସମୟରେ ବକ୍ସମା ଗ୍ରାମର ବୁଲୁ ପରିଡାଙ୍କ ୨ଟି ଟ୍ରାକ୍ଟର ବ୍ୟାଟେରି, ବକ୍ସମା ମନ୍ଦିରର ମୋଟର ପମ୍ପ ଓ ପବିତ୍ର ସାହୁଙ୍କ ମୋଟର ପମ୍ପ ଚୋରି ହୋଇଥିଲା। ଏ ସମ୍ପର୍କରେ ବୁଲୁ ଓ ପବିତ୍ରଙ୍କ ସମେତ ମନ୍ଦିର କମିଟି ସଭାପତି ବିନୋଦ ବିହାରୀ ନାଏକ ଥାନାରେ ଅଭିଯୋଗ କରିଥିଲେ।

# ୭ ବର୍ଷ ବିତିଲା, କାମ ସରିଲାନି

## ପଦ୍ମନପୁର ପ୍ରାଣୀଧନ ନିରୀକ୍ଷଣ କେନ୍ଦ୍ର

ବାଉଁଶୁଣୀ, ୧୮।୧(ଡି.ଏନ.ଏ.)

ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତରେ ୨୦୧୪ ମସିହାରେ ଏକ ପ୍ରାଣୀଧନ କେନ୍ଦ୍ର ନିର୍ମାଣ କାମ ଆରମ୍ଭ ହୋଇଥିଲା। ଆରଆଇଡିଏଫ (ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି) ଅନୁଦାନରୁ ବ୍ୟୟ ଅଟକଳ ଥିଲା ୫ ଲକ୍ଷ ୩୩ ହଜାର ଟଙ୍କା। ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଥିଲା। ଇତିମଧ୍ୟରେ ୭ ବର୍ଷ ବିତିଯାଇଥିଲେ ମଧ କେବଳ ଛାତ ପଡିଛି। ଅନ୍ୟ କୌଣସି କାମ ଆରମ୍ଭ



ହୋଇନାହିଁ। ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁଁ କାମ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହ ଅଧିକାରୀ ଗୋକୁଳ ଭୋଇଙ୍କୁ ପଚାରିବାରୁ ଅଟକଳ ହିସାବରେ ଅର୍ଥ କମ ଥିବାରୁ କାମ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଅଟକଳ ବଢିଲେ ସମ୍ପୂର୍ଣ୍ଣ ହେବ ବୋଲି କହିଥିଲେ। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେଇ କାମ ସମ୍ପୂର୍ଣ୍ଣ କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ବବାବନ୍ଧୁ ଭେଟ୍‌ଘାଟ କାର୍ଯ୍ୟକ୍ରମ

ଦେଓଗାଁ,୧୮।୧ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଜୁର୍ଲାକାନୀ ପ୍ରୋଜେକ୍ଟ ନିକଟରେ ପୁଷପୁନି ଉପଲକ୍ଷେ ମଙ୍ଗଳବାର ବବାବନ୍ଧୁ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡା. ଶଶୀଭୂଷଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋଶଲି ନେତା ବିଭୂଦତ୍ତ ମିଶ୍ର ଯୋଗଦେଇ ସ୍ୱତନ୍ତ୍ର କୋଶଲ ରାଜ୍ୟ ଗଠନ ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଏକଜୁଟ ହେବା ପାଇଁ ଆହ୍ୱାନ ଦେଇଥିଲେ। କୋଶଳାଞ୍ଚଳରେ ରହିଥିବା ଜିଲାର ଅଧିବାସୀମାନେ ବାରମ୍ବାର ଅବହେଳିତ ରହୁଥିବାରୁ ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ ନିତାନ୍ତ ଆବଶ୍ୟକ ବୋଲି ଉପସ୍ଥିତ କର୍ମକର୍ତ୍ତାମାନେ ମତ ରଖିଥିଲେ। ସୁବଳ ରଣା, ବବଲୁ ଅଗ୍ରୱାଲ, କାର୍ତ୍ତିକ ମଲ୍ଲିକ, ମଦନ ସାହୁ, ସିନୁସାହୁ, ଜୟନ୍ତ ସାହୁ, କୁଶ ସାହୁ, ଅମର ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନାମାଙ୍କନପତ୍ର ଦାଖଲ କଲେ ସାମାଜିକ ବାସନ୍ଦ

ଦେଓଗାଁ,୧୮।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିଂହାମୁଣ୍ଡା ପଞ୍ଚାୟତ ଖଲିଆପାଲିରେ ବ୍ଲକ ଆଦିବାସୀ କଲ୍ୟାଣ ସଂଘର ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟକାରୀ ସଭାପତି ସୁରଥ ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତ ପଞ୍ଚାୟତ ନିର୍ବାଚନରେ ରାଜ୍ୟ ସରକାର ଆଦିବାସୀଙ୍କ ସଂରକ୍ଷଣ ସରପଞ୍ଚ ଓ ବ୍ଲକ ଅଧକ୍ଷ କୋଟା ଉଚ୍ଛେଦ କରିଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ସର୍ବସମ୍ମତିକ୍ରମେ କୌଣସୀ ଆଦିବାସୀ ବିଜେଡି ଦଳ ତରଫରୁ ନାମାଙ୍କନପତ୍ର ଦାଖଲ କଲେ ତାଙ୍କୁ ସାମାଜିକ ବାସନ୍ଦ କରାଯିବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଥିବା ସଭାପତି ସୁରଥ ଧରୁଆ ସୂଚନା ଦେଇଥିଲେ। ବୈଠକରେ କୁଡାମିର୍ଦ୍ଧା ଜିଲା ସଭାପତି ବିଜୟ କାଲସାଏ, ବିଞ୍ଝାଲ ସମାଜ ବ୍ଲକ ସଭାପତି ମଦନ ବରିହା, ପ୍ରମୁଖ ଯୋଗଦେଇଥିଲେ।

## ସ୍କୁଲ ନାହିଁ ତ ଭୋଟ୍ ନାହିଁ

ବରଗଡ଼ ଅଫିସ,୧୮।୧: ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଗୁଡେରପାଲି ପଞ୍ଚାୟତ ଅନ୍ତର୍ଗତ ରେଙ୍ଗାଲପାଲି ପ୍ରାଥମିକ ସ୍କୁଲକୁ ବନ୍ଦ କରି ଦିଆଯାଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଫେରାଦ ହେବା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ଗ୍ରାମର ସ୍କୁଲ ବନ୍ଦ ନିଷ୍ପତ୍ତିକୁ ସରକାର ପ୍ରତ୍ୟାହାର ନ କଲେ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଇଂ. ଦିଲୀପ ଚନ୍ଦ୍ର ପଣ୍ଡାଙ୍କ ପରଲୋକ

ଭୁବନେଶ୍ୱର, ୧୮।୧(ବ୍ୟୁରୋ)



ଇଞ୍ଜିନିୟର ଦିଲୀପ ଚନ୍ଦ୍ର ପଣ୍ଡା ମଙ୍ଗଳବାର ସକାଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୯୩ବର୍ଷ ବୟସ ହୋଇଥିଲା। ସେ ସମ୍ବଲପୁର ସହରରେ ଜନ୍ମ ହୋଇଥିବାବେଳେ ଓଡ଼ିଶା ସରକାରଙ୍କ ନିର୍ମାଣ ବିଭାଗରେ ସର୍ବୋଚ୍ଚ ଯନ୍ତ୍ରୀ ସହ ସଚିବ ଦାୟିତ୍ୱ ତୁଲାଇଥିଲେ। ୧୯୮୬ ମସିହାରେ ସେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସେ ସଦସ୍ୟ ରହିଥିଲେ। ସେ ଠାକୁର ଅନୁକୂଳଚନ୍ଦ୍ରଙ୍କ ସତ୍‌ସଙ୍ଗର ଜଣେ ସହପ୍ରତିଋତ୍ୱିକ ଥିଲେ। ଫଟୋ ଉତ୍ତୋଳନ, ଭ୍ରମଣ, ସାହିତ୍ୟ, ବଗିଚା କାମ, ଉଡ଼ାଣ ଆଦିରେ ତାଙ୍କର ବିଶେଷ ରୁଚି ରହିଥିଲା। ପଣ୍ଡାଙ୍କ ମୃତ୍ୟୁ ସମୟରେ ସହଧର୍ମିଣୀ ବିନତା ପଣ୍ଡା, ଜ୍ୟେଷ୍ଠପୁତ୍ର ସ୍ୱର୍ଗତ ସତ୍ୟବ୍ରତଙ୍କ ସ୍ତ୍ରୀ ସୀତା, ୪ ସନ୍ତାନ ଦେବବ୍ରତ, ଦେବାଶିଷ, ଦୀପ୍ତି, ମିତ୍ରବିନ୍ଦା ଓ ସେମାନଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ।

# ଅସହ୍ୟ ହେଉଛି ଯନ୍ତ୍ରଣା

## ରକ୍ତହୀନତା ରୋଗର ଶିକାର ଇନ୍ଦ୍ରାଣୀ

ଲୋଇସିଂହା,୧୮।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କରନପାଲି ଗାଁର ଇନ୍ଦ୍ରାଣୀ ମହାକୁର(୪୫)। ଜୀବନ ଯେମିତି ତାଙ୍କ ପାଇଁ ଅଭିଶପ୍ତ ହୋଇଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ ଥିଲେ ବି ଡାକ୍ତରଖାନା ଯାଇ ଚିକିତ୍ସାରେ ତାହାକୁ ସେ ଉପଯୋଗ କରି ପାରୁନାହାନ୍ତି। ଅନ୍ୟନୋପାୟ ହୋଇ ଶଯ୍ୟାଶାୟୀ ହୋଇ ପଡି ରହିଛନ୍ତି। ପ୍ରତିଟି ଜୀବନ ମୂଲ୍ୟବାନ କହି ଆସୁଥିବା ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ସାକାର କରିବା ଦିଗରେ ପ୍ରତି ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ନ ପକାଇବା ବିଡମ୍ବନାର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି।

କରନ୍‌ପାଲି ଗାଁର ତରଣୀ ମହାକୁର(୫୦)ଙ୍କ ସ୍ତ୍ରୀ ଇନ୍ଦ୍ରାଣୀ। ଏକମାତ୍ର ଝିଅକୁ ନେଇ ତାଙ୍କ ସଂସାର। ଜମିବାଡି ବୋଲି କିଛି ନାହିଁ। ମୂଲମଜୁରି କରି ପରିବାର ପ୍ରତିପୋଷଣ କରନ୍ତି ତରଣୀ। ଇନ୍ଦ୍ରାଣୀଙ୍କ କହିବା ମୁତାବକ ଝିଅ ଜନ୍ମପରଠାରୁ ତାଙ୍କ ସ୍ୱାସ୍ଥ୍ୟବସ୍ଥା


ସ୍ୱାମୀଙ୍କ ସହ ଇନ୍ଦ୍ରାଣୀ।

ବିଗିଡି ଯାଇଥିଲା। ସେ ରକ୍ତହୀନତାର ଶିକାର ହୋଇଥିଲେ। ମଝିରେ ରକ୍ତ ନେଲା ପରେ ସୁସ୍ଥତା ଅନୁଭବ କରି ଘର କାମ କରୁଥିଲେ। ହେଲେ ଗତ ୧୦ବର୍ଷ ହେଲା ସେ ଆଉ ଚଲାବୁଲା କରି ପାରୁନାହାନ୍ତି। ୩ ବର୍ଷ ତଳେ ଝିଅର ବାହାଘର ହୋଇଯାଇଛି। ସ୍ୱାମୀ ମୂଲ ଲାଗି ଗଲେ ଘରେ ତାଙ୍କ ଦେଖାରେଖା ପାଇଁ କେହି ନାହାନ୍ତି। ଦୁଇ ଗୋଡ ସରୁ ହୋଇଯିବା ସହ ଆଖିପତା ଫୁଲି ଭୟଙ୍କର ଦେଖାଯାଉଛି। ଠିକ୍‌ଭାବେ କଥା କହି ପାରୁ ନାହାନ୍ତି। ଗତବର୍ଷ ଗୁରୁତର ହୋଇ ପଡିବା ପରେ ଇନ୍ଦ୍ରାଣୀଙ୍କୁ ସ୍ୱାମୀ ତରଣୀ ବୁର୍ଲା ନେଇ ଦୁଇସପ୍ତାହ ଧରି ଚିକିତ୍ସା କରିଥିଲେ। ଧାରଉଧାର କରି ପ୍ରାୟ ୧ଲକ୍ଷ ଟଙ୍କା

### ବିଏସ୍‌କେୱାଇ କାର୍ଡ ଅଛି, କରି ପାରୁନାହାନ୍ତି ଉପଯୋଗ

ଖର୍ଚ୍ଚ କରିଥିଲେ। ଏବେ ସେ ସର୍ବସ୍ୱାନ୍ତ ହୋଇ ପଡିଛନ୍ତି। ବର୍ତ୍ତମାନ ଚିକିତ୍ସା ପାଇଁ ପ୍ରାୟ ୩ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ଡାକ୍ତର କହୁଛନ୍ତି। ପାଖରେ ବିଏସ୍‌କେୱାଇ କାର୍ଡ ଅଛି। ହେଲେ ପାଖରେ ଟଙ୍କାଟିଏ ନଥିବାରୁ କୌଣସି ଡାକ୍ତରଖାନା ନେଇ ସ୍ତ୍ରୀର ଚିକିତ୍ସା କରାଇବା ସ୍ଥିତିରେ ନ ଥିବା ତରଣୀ କହିଛନ୍ତି। ଇନ୍ଦ୍ରାଣୀଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେବା ଓ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ସ୍ଥାନୀୟ ପଞ୍ଚାୟତ ଅଫିସରୁ ବ୍ଲକ ପ୍ରଶାସନ ଯାଏ ଜଣାଇଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା ଗାଁର ପ୍ରଫୁଲ୍ଲ କରନ, ଗୌର କରନ, ଆଦିତ୍ୟ କରନ, ଅରୁଣ କରନ, ସମାଜିକ କର୍ମୀ ରଘୁନାଥ ନାୟକ ପ୍ରମୁଖ କହିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ସରପଞ୍ଚ ପାଇଁ ୧୦, ୫ ସମିତି ସଭ୍ୟ ପାଇଁ ନାମାଙ୍କନ ଭରିଲେ

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ୨୦ ସରପଞ୍ଚ, ସମିତି ସଭ୍ୟ ଏବଂ ୨୩୯ ୱାର୍ଡସଭ୍ୟାସଭ୍ୟ ପଦରେ ନିର୍ବାଚନ ପାଇଁ ସୋମବାରଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ମଙ୍ଗଳବାର ୮ ଏବଂ ସୋମବାର ୨ ଏପରି ସରପଞ୍ଚ ପଦ ପାଇଁ ୧୦ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ଦୁଇଦିନରେ ୫ ଜଣ ସମିତି ସଭ୍ୟ ପଦ ପାଇଁ ଏବଂ ୫୪ ଜଣ ୱାର୍ଡ ସଭ୍ୟ ପାଇଁ ନାମାଙ୍କନ ଦାଖଲ କରିଥିବା ଜିପିଓ କିଶୋର ମାନସିଂଙ୍କ ସୂତ୍ରରୁ ପ୍ରକାଶ । ଅପରପକ୍ଷେ ବ୍ଲକରେ ୩୩ନଂ ଜୋନ ଅଣସଂରକ୍ଷିତ ମହିଳା ଏବଂ ୩୪ ନଂ ଜୋନ ଅନୁସୂଚିତ ଜନଜାତି ମହିଳା ବର୍ଗ ପାଇଁ ସଂରକ୍ଷିତ ରହିଥିବା ବେଳେ ଅଦ୍ୟାବଧି କେହି ପ୍ରାର୍ଥୀପତ୍ର ଦାଖଲ କରି ନାହାନ୍ତି।

# ଅଙ୍ଗନୱାଡି କର୍ମୀ ଚୟନରେ ଅନିୟମିତତା

ନୂଆପଡ଼ା ଅଫିସ,୧୮।୧

ନୂଆପଡା ଜିଲା ସିନାପାଲି ବ୍ଲକ ଚଟିଆଗୁଡା ପଞ୍ଚାୟତ ମହୁଲପଡାରେ ଅଙ୍ଗନୱାଡି କର୍ମୀ ଚୟନରେ ଅନିୟମିତତା ହୋଇଥିବା ଜଣାପଡ଼ିଛି। ଜଣେ ଅଣପରିସରଭୁକ୍ତ ପ୍ରାର୍ଥୀନୀଙ୍କୁ ନିଯୁକ୍ତି ଦିଆଯାଇଥିବା ନେଇ ପରିସରଭୁକ୍ତ ପ୍ରାର୍ଥୀନୀ ମାଧୁରୀ ବାଗଙ୍କ ଗ୍ରାମବାସୀ ସହିତ ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ତାଙ୍କ କାର୍ଯ୍ୟାକଳାପ ଉପରେ ସନ୍ଦେହ କରି ଆଶାୟୀ ପ୍ରାର୍ଥୀନୀ ମାଧୁରୀ ଗତ ୩୦ ତାରିଖରେ ଉକ୍ତ କାର୍ଯ୍ୟାଳୟରେ ଆରଟିଆଇ ଫାଇଲ କରିଥିଲେ। ଦୀର୍ଘଦିନ ପରେ ଗତ ୧୦ ତାରିଖରେ ଆବେଦନକାରୀଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରାଯାଇଛି। ଆରଟିଆଇ ସୂଚନା ଅନୁସାରେ ବିଭାଗ ପକ୍ଷରୁ କରାଯାଇଥିବା ତଦନ୍ତ ରିପୋର୍ଟରେ ବିଭାଗୀୟ ଅଧିକାରୀ କର୍ମଚାରୀ ମିଶି ଜାଲିଆତି କରିଥିବା ଜଣାପଡିଛି। ଅଙ୍ଗନୱାଡି କର୍ମୀ ନିଯୁକ୍ତ ପାଇଥିବା ଅଣପରିସରଭୁକ୍ତ ପ୍ରାର୍ଥୀନୀଙ୍କ ତଦନ୍ତ



ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ମହୁଲପଡାବାସୀ।

### ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

ରିପୋର୍ଟରେ ଗ୍ରାମବାସୀଙ୍କ ସ୍ୱାକ୍ଷରକୁ ଜାଲିଆତି କରାଯାଇଥିବା ଅଭିଯୋଗ କରିଛନ୍ତି। ତଦନ୍ତ ରିପୋର୍ଟରେ ଗ୍ରାମର ୩୯ଜଣଙ୍କ ସ୍ୱାକ୍ଷର କରାଯାଇଥିବା ବେଳେ ୧୨ଜଣଙ୍କ ସ୍ୱାକ୍ଷର ଜାଲିଆତି ହୋଇଥିବା ସମ୍ପୃକ୍ତ ବ୍ୟକ୍ତି ନିଜ ନାମ ଗୋପନ ରଖି କହିଛନ୍ତି। ଅଙ୍ଗନୱାଡି ପାଇଁ ଆବେଦନ କରିବା ପରେ ସମ୍ପୃକ୍ତ ପ୍ରାର୍ଥୀନୀମାନେ ପରିସରଭୁକ୍ତ କିମ୍ବା ଅଣପରିସରଭୁକ୍ତ ତାହା ତଦନ୍ତ କରିବାକୁ ବିଭାଗୀୟ ଅଧିକାରୀମାନେ ଗ୍ରାମରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କ ଉପସ୍ଥିତିରେ ତଦନ୍ତ ରିପୋର୍ଟ ଲେଖା ହୋଇ ସ୍ୱାକ୍ଷର ହେବାକଥା। କିନ୍ତୁ ସ୍ଥାନୀୟ ଲୋକଙ୍କ ବିରୋଧରୁ ତଦନ୍ତ ରିପୋର୍ଟ ହୋଇ ପାରିଲାନାହିଁ। ପରେ ଜାଲିଆତି କରି ଏକ ତଦନ୍ତ ରିପୋର୍ଟ କରାଗଲା ଏବଂ ଅଣପରିସରଭୁକ୍ତ ଜଣେ ପ୍ରାର୍ଥୀନୀଙ୍କୁ ପରିସରଭୁକ୍ତ ଦର୍ଶାଇ ନିଯୁକ୍ତି ଦିଆଯାଇଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଜାଲିଆତି କରିଥିବା ସମ୍ପୃକ୍ତ ବ୍ୟକ୍ତି ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ସିଡିପିଓ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### କଂଗ୍ରେସରେ ମିଶିଲେ ପଞ୍ଚାୟତ ସମିତି ଅଧ୍ୟକ୍ଷା

ସିନାପାଲି,୧୮।୧(ଡି.ଏନ.ଏ.): ନୂଆପଡ଼ା ଜିଲା ସିନାପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ତପସ୍ୱିନୀ ମାଝି ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ଉପସ୍ଥିତିରେ କଂଗ୍ରେସରେ ସାମିଲ ହୋଇଛନ୍ତି। ସିନାପାଲି ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏ ନେଇ ସୂଚନା ଦେଇଛନ୍ତି। ରାଜ୍ୟ ସରକାର ପଛୁଆ ବର୍ଗ ଓ ଆଦିବାସୀଙ୍କୁ ଉପେକ୍ଷା କରିଛନ୍ତି। ସରକାରୀ ଦଳରେ ରହି ମଧ୍ୟ ମୋତେ ଉପେକ୍ଷା କରାଯାଇଛି। ଏଥିପାଇଁ କଂଗ୍ରେସରେ ସାମିଲ ହୋଇଥିବା ତପସ୍ୱିନୀ କହିଛନ୍ତି। ମାଝିଙ୍କ ସହ ଅମ୍ବିକା କଶ୍ୟପ, ଗୌରୀ ହରପାଲ, ଧନସିଂ ମାଝି, ଗଙ୍ଗା କୁମାରୀ ମାଝି, ଦୁର୍ଯ୍ୟୋଧନ ମାଝି ପ୍ରମୁଖ କଂଗ୍ରେସ ଦଳରେ ଯୋଗଦେଇଥିଲେ। ଦଳରେ ଯୋଗଦେବା ଅବସରରେ ତପସ୍ୱିନୀଙ୍କୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ୧୨ନମ୍ବର ଜୋନରୁ କଂଗ୍ରେସର ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ବୈଠକରେ ସିନାପାଲି ବ୍ଲକ କଂଗ୍ରେସ ସଭାପତି ଜୟପାଲ ନାଗ, ବ୍ଲକ ଉପାଧ୍ୟକ୍ଷ କିଶୋର କୁମାର, ପୂର୍ବତନ ଜିଲା ପରିଷଦ ସଦସ୍ୟ ଗିରିରାଜ ମାଝି, ପୂର୍ବତନ ସଭାପତି ଗୋଦାବରୀଶ ନାଏକ, ଖଗେଶ୍ୱର ସା, କପିଳେନ୍ଦ୍ର ଭୋଇ, ମହମ୍ମଦ ଅଫତାଭ, କେଦାର ସୁନାନି, ମେଘନାଦ ଖର୍ସେଲ ପ୍ରମୁଖ ମଞ୍ଚାସୀନ ଥିଲେ।

### ଗାଡ଼ି ଧକ୍କାରେ ହେଟାବାଘ ଗୁରୁତର

କୋକସରା,୧୮।୧(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଲା ୨୬ ନମ୍ବର ଜାତୀୟ ରାଜପଥ ଡୁମେର ବନ୍ଧ ନିକଟରେ ମଙ୍ଗଳବାର ସକାଳୁ ଏକ ହେଟାବାଘ ଗୁରୁତର ଭାବେ ରାସ୍ତା କଡରୁ ଉଦ୍ଧାର କରାଯାଇଛି। ସୋମବାର ବିଳମ୍ବିତ ରାତିରେ ହେଟାବାଘ ରାସ୍ତା ପାର କରିବା ସମୟରେ କୌଣସି ଅଜଣା ଗାଡି ଧକ୍କା ଦେଇଥିବା ଅନୁମାନ କରାଯାଉଛି। ହେଟାବାଘ ଗୁରୁତର ହୋଇ ରାସ୍ତା କଡରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ବନ କର୍ମଚାରୀଙ୍କୁ ଖବର ଦେଇଥିଲେ। ଆମପାଣି ଫରେଷ୍ଟର ଜଗନ୍ନାଥ ନାଗ ଓ ଫରେଷ୍ଟ ଗାର୍ଡ କଳାକାହ୍ନୁ ରାଉତଙ୍କ ସମେତ ବନ କର୍ମଚାରୀମାନେ ପହଞ୍ଚି ଗୁରୁତର ହେଟାବାଘକୁ ଉଦ୍ଧାର କରିଥିଲେ।

### ଆଜି ସକାଳ ୮ଟାରୁ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ

ସମ୍ବଲପୁର,୧୮।୧(ବ୍ୟୁରୋ): ଓପିଟିସିଏଲ ୧୩୨/୩୩ କେଭି ବରପାଲି ଗ୍ରୀଡ୍ ସବଷ୍ଟେଶନରେ ବୁଧବାର ବାର୍ଷିକ ରକ୍ଷାଣାବେକ୍ଷଣ କାର୍ଯ୍ୟ ହେବ। ତେଣୁ ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏହି ସମୟରେ ସେବା ବନ୍ଦ ହେବାକୁ ଥିବା ଅଞ୍ଚଳ ହେଲା ବରଗଡ ପଶ୍ଚିମ ବିଦ୍ୟୁତ୍ ଡିଭିଜନ ଅଧୀନ ବରପାଲି, ସରଣ୍ଡାପାଲି, ଚରମୁଣ୍ଡା, ମେଲଛାମୁଣ୍ଡା, ବାଲିଟିକିରା ଓ ସୁବର୍ଣ୍ଣପୁର ବିଦ୍ୟୁତ୍ ଡିଭିଜନ ଅଧୀନ ପଣ୍ଡାକିଟାଲ, ଭାଟବାହାଲି ଏବଂ ବଲାଙ୍ଗୀର ବିଦ୍ୟୁତ୍ ଡିଭିଜନର ଆଗଲପୁର, ଭରସୁଜା। ରକ୍ଷଣାବେକ୍ଷଣ ଜରୁରୀ ଥିବାରୁ ବିଦ୍ୟୁତ୍ ଉପଭୋକ୍ତା ସହଯୋଗ କରିବାକୁ କମ୍ପାନୀ ପକ୍ଷରୁ ଅନୁରୋଧ କରାଯାଇଛି। ଏ ନେଇ ମଙ୍ଗଳବାର ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟ କର୍ପୋରେଟ କମ୍ୟୁନିକେଶନ ଓ ସହକାରୀ ସମ୍ପର୍କ ଅଧିକାରୀ ମନୋଜ ପଟ୍ଟନାୟକ ପ୍ରେସ ବିବୃତିରେ ସୂଚିତ କରିଛନ୍ତି।

### ଡୁଙ୍ଗୁରିପାଲି ଖବରଦାତାଙ୍କ ମାତୃ ବିୟୋଗ

ଡୁଙ୍ଗୁରିପାଲି,୧୮।୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଧରିତ୍ରୀ ପ୍ରତିନିଧି ଦୀନବନ୍ଧୁ ସୁନାଙ୍କ ମା' ଗହଲ(୭୫)ଙ୍କର ମଙ୍ଗଳବାର ଅପରାହ୍ନରେ



ପରଲୋକ ହୋଇଯାଇଛି। ଅସୁସ୍ଥତା ପାଇଁ ଗହଲଙ୍କୁ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ସମୟରେ ସ୍ୱାମୀ ସନମତ ସୁନା, ବଡ ପୁଅ ଗନ୍ଧର୍ବ, ମଝିଆ ପୁଅ କୁମର, ସାନପୁଅ ଦୀନବନ୍ଧୁ, ଝିଅ ଭାନୁମତି, ବୋହୂ, ନାତୁଣି ଓ ନାତି ଉପସ୍ଥିତ ଥିଲେ । ଅଙ୍ଗ ନଦୀ କୂଳ ଦିଗଶିରା ଶ୍ମଶାନ ଘାଟରେ ବୁଧବାର ସକାଳେ ସତ୍କାର କରାଯିବ । ଗହଲଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ଦ୍ୱିତୀୟ ଦିନରେ ୫୨୨ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ଭବାନୀପାଟଣା/କର୍ଲାମୁଣ୍ଡା/କୋକସରା, ୧୮।୧(ସ୍ୱ.ପ୍ର./ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଥିବା ବେଳେ ମଙ୍ଗଳବାର ଦ୍ୱିତୀୟ ଦିନରେ ଜିଲାରେ ସମୁଦାୟ ୫୨୨ଜଣ ପ୍ରାର୍ଥୀନୀ/ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଏଥିରେ ୩୮୬ଜଣ ୱାର୍ଡମେମ୍ବର, ୬୫ ସରପଞ୍ଚ,ସମିତି ସଭ୍ୟ ୭୦ ଓ ଜିଲା ପରିଷଦ ଜଣେ ପାର୍ଥୀ ନାମାଙ୍କନ କରିଛନ୍ତି। ଜିଲାର କେସିଙ୍ଗା ବ୍ଲକରେ ୩୫, ଧର୍ମଗଡରେ ୫୪, ଜୁନାଗଡରେ ୬୯, ଏମ୍. ରାମପୁରରେ ୧୩, କୋକସରାରେ ୪୯, ଗୋଲାମୁଣ୍ଡାରେ ୭୪, କର୍ଲାମୁଣ୍ଡାରେ ୨୫, ଜୟପାଟଣାରେ ୩୨, ନର୍ଲାରେ ୨୧, କଲମପୁରରେ ୨୦, ଲାଞ୍ଜିଗଡରେ ୩୯, ଭବାନୀପାଟଣାରେ ୬୩ ଓ ଥୁଆମୁଳ ରାମପୁର ବ୍ଲକରେ ୨୮ଜଣ ପ୍ରାର୍ଥୀନୀ/ପ୍ରାର୍ଥୀ ନାମାଙ୍କନ କରିଛନ୍ତି। ଜିଲାରେ ସୋମବାର ଓ ମଙ୍ଗଳବାର ୨ ଦିନରେ ୯୨୯ଜଣ ପ୍ରାର୍ଥୀନୀ/ପ୍ରାର୍ଥୀ ନାମାଙ୍କନ ନାମାଙ୍କନ ଦାଖଲ କରିଥିବା ଜଣାପଡ଼ିଛି। କର୍ଲାମୁଣ୍ଡା ବ୍ଲକରେ ଦ୍ୱିତୀୟ ଦିବସରେ ୱାର୍ଡମେମ୍ବର ପଦବୀ ପାଇଁ ୬୦ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର କିଣିଥିବା ବେଳେ ୧୭ଜଣ ଦାଖଲ

### କଳାହାଣ୍ଡି ଜିଲା: ପଞ୍ଚାୟତ ନିର୍ବାଚନ

କରିଛନ୍ତି। ସମିତିସଭ୍ୟ ପାଇଁ ୬ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେଥି ମଧ୍ୟରୁ ସପଲହରା ପାଇଁ ୨ଜଣ, ରିଷିଡା ପାଇଁ ଜଣେ, କର୍ଲାମୁଣ୍ଡା ପାଇଁ ଜଣେ, ରିଞ୍ଝା ଓ ଜୋରଡବରା ପାଇଁ ଜଣେ ଲେଖାଏଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ସରପଞ୍ଚ ପଦବୀ ପାଇଁ ଯୋରାଡବରାରୁ ଜଣେ ଓ ସାପଲହରାରେ ଜଣେ ନାମାଙ୍କନ ପତ୍ର ଦାଖଲ କରିଥିବା ସୂଚନା ମିଳିଛି । ମଙ୍ଗଳବାର ସରପଞ୍ଚ ପାଇଁ ତେରଜଣ ନାମାଙ୍କନପତ୍ର କିଣିଥିଲେ। ଆଜିକୁ ମିଶାଇ ସରପଞ୍ଚ ପାଇଁ ୩ଜଣ, ୱାର୍ଡମେମ୍ବର ପାଇଁ ୩୯ଜଣ ଓ ସମିତି ସଭ୍ୟ ପାଇଁ ୬ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି କୋକସରା ବ୍ଲକରେ ୨୨ ପଞ୍ଚାୟତରୁ ମଙ୍ଗଳବାର ଦ୍ୱିତୀୟ ଦିନ ସୁଦ୍ଧା ସମିତି ଆସନ ପାଇଁ ୧୫ଜଣ, ସରପଞ୍ଚ ପାଇଁ ୭ଜଣ ଓ ୱାର୍ଡ ସଭ୍ୟ ପାଇଁ ୪୭ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ସୂଚନା ମିଳିଛି। ବ୍ଲକ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ ପାଇଁ କୋଭିଡ୍ କଟକଣା ବ୍ୟବସ୍ଥା କରାଯାଇଛି।

# ସୁବର୍ଣ୍ଣପୁର ଜିଲା: ୧୭୬ ପ୍ରାର୍ଥୀପତ୍ର ଦାଖଲ

ସୋନପୁର,୧୮।୧(ନି.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ମଙ୍ଗଳବାର ଦ୍ୱିତୀୟ ଦିବସରେ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ମୋଟ ୧୭୬ ଜଣ ଆଶାୟୀ ପ୍ରାର୍ଥୀନୀ ଓ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସୋନପୁର ବ୍ଲକରେ ୨୩ ଜଣ ୱାର୍ଡ ସଭ୍ୟ ଓ ୨ ଜଣ ସରପଞ୍ଚ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଉଲୁଣ୍ଡା ବ୍ଲକରେ ୨୮ ୱାର୍ଡସଭ୍ୟ, ୪ ସରପଞ୍ଚ ଓ ୩ ସମିତି ସଭ୍ୟ ପାଇଁ, ବୀରମହାରାଜପୁର ବ୍ଲକରେ ୨୫ ୱାର୍ଡସଭ୍ୟ ପାଇଁ, ୫ ସରପଞ୍ଚ ଓ ଜଣେ ସମିତି ସଭ୍ୟ ପାଇଁ, ଡୁଙ୍ଗୁରିପାଲି ବ୍ଲକରେ ୨୪ ୱାର୍ଡସଭ୍ୟ, ୪ ସରପଞ୍ଚ ଓ ୩ ସମିତି ସଭ୍ୟ, ତରଭା ବ୍ଲକରେ ୧୮ ୱାର୍ଡସଭ୍ୟ, ଜଣେ ସରପଞ୍ଚ, ଜଣେ ସମିତି ସଭ୍ୟ, ବିନିକା ବ୍ଲକରେ ୩୦ ୱାର୍ଡସଭ୍ୟ, ଜଣେ ସରପଞ୍ଚ ଏବଂ ୨ ଜଣ ସମିତି ସଭ୍ୟ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ କୌଣସି ଜିଲା ପରିଷଦ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରି ନଥିବା ବେଳେ ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜଣେ ଜିଲା ପରିଷଦ ସଦସ୍ୟ ପ୍ରାର୍ଥୀ ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରିଥିବା ସୂଚନା ମିଳିଛି। ତେବେ ପ୍ରଥମ ଦିନରେ ଜିଲାର ୧୩ଟି ଜୋନର ଜିଲା ପରିଷଦ ଆସନ ପାଇଁ କୌଣସି ଆଶାୟୀଙ୍କ ପକ୍ଷରୁ ନାମାଙ୍କନ ପତ୍ର ଦାଖଲ ହୋଇ ନଥିବା ସୋନପୁର ଓ ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ଜିଲା ପରିଷଦ ନିର୍ବାଚନ ଦଳୀୟ ଚିହ୍ନରେ ହେଉଥିବାରୁ ପ୍ରାର୍ଥୀ ଚୟନ ପାଇଁ ବିଜେଡି, ଭାଜପା ଓ କଂଗ୍ରେସ ନେତୃବୃନ୍ଦଙ୍କୁ ବେଶ କସରତ କରିବାକୁ ପଡୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷେ ନାମାଙ୍କନ ପତ୍ର ଦାଖଲ ପରେ ଗ୍ରାମାଞ୍ଚଳରେ ପଞ୍ଚାୟତ ନିର୍ବାଚନ ସକାଶେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି।

## ବୌଦ୍ଧ ଜିଲା ଘରୋଇ ବିଦ୍ୟାଳୟ ସଂଘର ଦାବିପତ୍ର

ବୌଦ୍ଧ, ୧୮।୧(ସ୍ୱ.ପ୍ର)

ବୌଦ୍ଧ ଜିଲା ଘରୋଇ ବିଦ୍ୟାଳୟ ସଂଘ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । କରୋନା ପ୍ରଭାବରେ ଜିଲାର ସମସ୍ତ ବିଦ୍ୟାଳୟ ଦୀର୍ଘ ୨୧ ମାସ ହେବ ଦୟନୀୟ ଅବସ୍ଥାରେ ଅଛି । ନିୟମିତ ଅନଲାଇନ ପାଠପଢା ହେବା ସତ୍ତ୍ୱେ ବିଦ୍ୟାଳୟର ଅଭିଭାବକମାନେ ବିଦ୍ୟାଳୟ ଦେୟ ଠିକ ଭାବରେ ପୈଠ କରୁ ନାହାନ୍ତି। ବିନା ସରକାରୀ ସାହାଯ୍ୟରେ ଚାଲୁଥିବା ପ୍ରାୟ ସମସ୍ତ ଘରୋଇ ବିଦ୍ୟାଳୟ ଘରଭଡା, ବିଦ୍ୟୁତ ଦେୟ, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦରମା ନିୟମିତ ଦେବା ପାଇଁ ଅସମର୍ଥ ହେଲେଣି। ତେଣୁ ସେମାନଙ୍କୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# କଂଗ୍ରେସରେ ମିଶିଲେ ଛାତ୍ର, ଯୁବକ


ମିଶ୍ରଣ ପର୍ବରେ ଯୋଗଦେଇଥିବା ଯୁବକମାନେ।

ନୂଆପଡ଼ା ଅଫିସ,୧୮।୧

ନୂଆପଡା ଜିଲା ଖରିଆରରୋଡସ୍ଥିତ କଂଗ୍ରେସ ଭବନଠାରେ ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ସନ୍ନି ସାହୁ ଓ ବିଧାନ ସଭା ଛାତ୍ର ସଭାପତି ଅଶୋକ ଦଣ୍ଡସେନାଙ୍କ ନେତୃତ୍ୱରେ ବହୁତ ଯୁବକ ମଙ୍ଗଳବାର କଂଗ୍ରେସରେ ଯୋଗଦାନ କରିଛନ୍ତି। କଂଗ୍ରେସର ଆଦର୍ଶ ଓ ଜନହିତକର କାର୍ଯ୍ୟକଳାପରେ ଅନୁପ୍ରାଣିତ ହୋଇ ସେମାନେ କଂଗ୍ରେସରେ ଯୋଗଦେଇ ଛାତ୍ର ଓ ଯୁବ ଶକ୍ତିକୁ ଆହୁରି ମଜଭୁତ କରିବେ ବୋଲି ମତବ୍ୟକ୍ତ କରିଥିଲେ। ମିଶ୍ରଣ ପର୍ବରେ ଯୁବନେତା ନବୀନ ସାହୁ, ଆଶ ସାହୁ, ଅମନ ଅଗ୍ରୱାଲ, ରାକେଶ ବାରିକ, ଦିଗାମ୍ବର ସାହୁ, ଡିକୁ ସାହୁ, ଉମାଶଙ୍କର ସାହୁ, ଛଗନ ସାହୁ, ହିତେଶ ସାହୁ, ଜିତେନ୍ଦ୍ର ରଣା ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ ଉପସଭାପତି ଅଙ୍କିତ ସିଘାଇ, ମୋତି ରାଓ୍ୱଲ, ଅନନ୍ତ ସୋନି, ଜୁନେଦ ମହମ୍ମଦ, ଆୟୁଷ ଗୁପ୍ତା, ଜିତୁ ସାହୁ, କମଳ ସାହୁ ଉପସ୍ଥିତ ଥିଲେ।

# ପଞ୍ଚାୟତ ଭୋଟ ବର୍ଜନ କରିବେ କୁହିମୁଣ୍ଡାବାସୀ

ଦେଓଗାଁ, ୧୮।୧(ଡି.ଏନ.ଏ.)

ଗାଁକୁ ସ୍ଥାୟୀ ରାସ୍ତା ପାଇଁ ବିଡିଓଙ୍କଠୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ଗୁହାରି କଲୁ। ପ୍ରତିଶ୍ରୁତି ଦେଇ ପ୍ରଶାସନ ଠକିଲା। ନେତାଙ୍କୁ ଜଣାଇ ବି ସୁଫଳ ମିଳିଲାନି। ଏଣୁ ଚଳିତ ପଞ୍ଚାୟତ ନିର୍ବାଚନରେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ କୁହିମୁଣ୍ଡା ଗ୍ରାମବାସୀ ଭୋଟ ବର୍ଜନ କରିବାର ନିଷ୍ପତ୍ତି ନେଇଛନ୍ତି । ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହେବା ପରେ ମଙ୍ଗଳବାର ଗାଁର ଯୁବଗୋଷ୍ଠୀ ଗାଁ ମୁଣ୍ଡରେ ବାଉଁଶ ବାଡ ଦେଇଛନ୍ତି। ଗାଁକୁ ପ୍ରଚାର ପାଇଁ କୌଣସି ପ୍ରାର୍ଥୀ ଏବଂ ନେତୃବୃନ୍ଦଙ୍କୁ ପଶାଇ ଦେବୁ ନାହିଁ ବୋଲି ନିଷ୍ପତ୍ତି ନେଇ ଜଗି ରହିଛନ୍ତି। ଗ୍ରାମବାସୀଙ୍କ ଏଭଳି ପଦକ୍ଷେପ ଏବେ ସ୍ଥାନୀୟ ନେତୃବୃନ୍ଦଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି।

ଏହି ଗାଁକୁ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ସ୍ଥାୟୀ ରାସ୍ତା ନାହିଁ। ଏକ ଅସ୍ଥାୟୀ ରାସ୍ତାରେ ଜମି ହିଡ ଦେଇ ଅବ୍ୟବସ୍ଥାରେ ଗ୍ରାମବାସୀ ପଞ୍ଚାୟତ ମୁଖ୍ୟାଳୟକୁ ଲୋକେ ଯିବା ଆସିବା କରୁଛନ୍ତି। ଗାଁର କୌଣସି ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ହେଲେ ଦୀର୍ଘ ଦୁଇରୁ ତିନି କିଲୋମିଟର


ଗାଁମୁଣ୍ଡରେ ଜଗି ରହିଥିବା କୁହିମୁଣ୍ଡାବାସୀ।

### ନେତା, ପ୍ରାର୍ଥୀଙ୍କୁ ପୂରାଇ ନ ଦେବାକୁ ବାଡଦେଇ ଜଗୁଛନ୍ତି ଗ୍ରାମବାସୀ

ଖଟିଆରେ ବୋହିବାକୁ ପଡୁଛି । ଆଗାମୀ ଦିନରେ ଏହି ଗାଁକୁ ସ୍ଥାୟୀ ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଗାଁର ଚିତ୍ତରଞ୍ଜନ ସାହୁ, ଉମାକାନ୍ତ ସାହୁ, ରୋହିତ ସାହୁ, ଶମ୍ଭୁଭୂଷଣ ସାହୁ, ଅନୁ ସାହୁ ପ୍ରମୁଖଙ୍କ ସହ ଗାଁର ସମସ୍ତ ସ୍ୱଂୟ ସହାୟକ ଦଳ ସଭ୍ୟାମାନେ ଚେତାବନୀ ଦେଇଛନ୍ତି।

## ବରିଷ୍ଠ ନାଗରିକ ସଂଗଠନର ପ୍ରତିଷ୍ଠା ଦିବସ

ଅମରପାଲି,୧୮।୧(ଡି.ଏନ.ଏ.)

ବୀରମହାରାଜପୁରଠାରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଂଗଠନର ପ୍ରତିଷ୍ଠା ଦିବସ ଏହାର ନିଜସ୍ୱ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଭାପତି ଡ.ପ୍ରଫୁଲ୍ଲ କୁମାର ରଥ ଏଥିରେ ସଭାପତିତ୍ୱ କରିଥିଲେ। କୃଷ୍ଣଚନ୍ଦ୍ର ପାଢ଼ୀ ମୁଖ୍ୟବକ୍ତାଭାବେ ଯୋଗଦେଇ ଶ୍ରୀମଦ ଭାଗବତ ଗୀତା ପଠନର ଆବଶ୍ୟକତା କହିଥିଲେ। ପୂର୍ବତନ ସଭାପତି ଭଗବାନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂଗଠନର ସମୃଦ୍ଧି ଉପରେ ଆଲୋଚନା କରିଥିଲେ। ସଭାପତି ରଥ ବରିଷ୍ଠ ନାଗରିକଙ୍କ ଅଧିକାର ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ଦୟାନିଧି ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ରାଜ୍ୟ ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଭୂଷଣ କୁମାର ପାତ୍ର ସଭା ସଂଯୋଜନା କରିଥିଲେ ।

# ଚୋରି ସାମଗ୍ରୀ ଉଦ୍ଧାର, ଜଣେ ଗିରଫ

ଅତାବିରା/ସରଣ୍ଡା,୧୮।୧(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ଥାନା ପୋଲିସ ଏକ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି। ଭୋଇପୁରା ଗ୍ରାମର ୱାଇ. ସୁବାରାଓଙ୍କ ଘରୁ ଚୋରି ମୋଟରପମ୍ପ, ଟିଭି ଆଦିକୁ ଉଦ୍ଧାର କରିଛି। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଭୋଇପୁରା ଗ୍ରାମର ଆନନ୍ଦ ଭୁଏ(୨୦)। ଅଭିଯୁକ୍ତଙ୍କ ବିରୋଧରେ ଟାଉନ ଥାନାରେ ଏକ ମାମଲା (ନଂ.୨୫/୨୨) ରୁଜୁ ହୋଇଛି। ପ୍ରକାଶ ଯେ, ଗତ ୧୪ତାରିଖ ବିଳମ୍ବିତ ରାତ୍ରିରେ ସୁବାରାଓଙ୍କ ଘରୁ ମୋଟରପମ୍ପ, ଟିଭି ଆଦି ଚୋରି ହୋଇଥିଲା। ଏ ନେଇ ସେ ଅତାବିରା ଥାନାରେ ଏତଲା ଦେବା ପରେ ପୋଲିସ ଉକ୍ତ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତରେ ଗିରଫ ଅଭିଯୁକ୍ତ ଚୋରି ଘଟଣାକୁ ସ୍ୱୀକାର କରିଥିଲେ ଏବଂ ତାଙ୍କଠାରୁ ଉକ୍ତ ସାମଗ୍ରୀ ଜବତ ହୋଇଥିବା ଟାଉନ ଥାନାଧିକାରୀ ଅନିଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି।

# ବିଜେଡିର ୭ ଜିଲା ପରିଷଦ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ

ସୋନପୁର,୧୮।୧(ନି.ପ୍ର.)

ଆସନ୍ତା ଜିଲା ପରିଷଦ ନିର୍ବାଚନ ପାଇଁ ବିଜୁ ଜନତା ଦଳ ପକ୍ଷରୁ ୭ ଜଣ ପ୍ରାର୍ଥୀଙ୍କ ନାମ ମଙ୍ଗଳବାର ପ୍ରକାଶ ପାଇଛି। ସୋନପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏହି ୭ ପ୍ରାର୍ଥୀଙ୍କ ନାମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ରାମପୁର ବିଜେଡି କାର୍ଯ୍ୟାଳୟରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ପ୍ରକାଶ କରିଛନ୍ତି। ଡୁଙ୍ଗୁରିପାଲି ବ୍ଲକ ଜିଲା ପରିଷଦ ଜୋନ-୧ରେ ସୁପ୍ରା ଠେଲା, ଜୋନ-୨ରେ ମଞ୍ଜୁଶ୍ରୀ ମାଝୀ, ଜୋନ -୩ରେ ଗଣେଷ ଭୋଇ, ସୋନପୁର ବ୍ଲକ ଜିଲା ପରିଷଦ ଜୋନ-୧ରେ ସସ୍ମିତା ମହାନ୍ତି, ଜୋନ-୨ ମଧୁସୂଦନ ଓତା, ତରଭା ବ୍ଲକ ଜିଲା ପରିଷଦ ଜୋନ-୧ ଅଞ୍ଜଳି କମ୍ପ, ଜୋନ-୨ ଶକୁନ୍ତଳା ପୃଷ୍ଟି ଟିକେଟ ପାଇଥିବା ଜଣାପଡିଛି।


ଅର୍ଥ ମନ୍ତ୍ରୀଙ୍କ ଗହଣରେ ଦଳୀୟ ଟିକେଟ୍ ପାଇଥିବା ପ୍ରାର୍ଥୀନୀ ଓ ପ୍ରାର୍ଥୀ।

# ୪ ବର୍ଷ ପରେ ବି ମିଳୁନି ବିଧବା ଭତ୍ତା

ନୂଆପଡ଼ା ଅଫିସ,୧୮।୧

କେନ୍ଦ୍ର ତଥା ରାଜ୍ୟ ସରକାର ଦାରିଦ୍ର ସୀମାରେଖା ତଳେ ଥିବା ଅସହାୟ, ଗରିବ, ବୃଦ୍ଧା, ବୃଦ୍ଧ, ଦିବ୍ୟାଙ୍ଗମାନଙ୍କ ପାଇଁ ଯୋଜନା ଉପରେ ଯୋଜନା କରି ଚାଲିଥିବା ବେଳେ ପ୍ରକୃତ ହିତାଧିକାରୀ ଏହି ସବୁ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏଭଳି ଘଟଣା ନୂଆପଡ଼ା ଜିଲା ସୁନାବେଡା ଅବୟାରଣ୍ୟ ଭିତରେ ଅବସ୍ଥିତ କୋମନା ବ୍ଲକ ସୋସେଙ୍ଗ ପଞ୍ଚାୟତ ଅଡାର ଗାଁରେ ଦେଖିବାକୁ ମିଳିଛି। ଗାଁର କମଳ ଧରୁଆ (୩୮)ଙ୍କ ୨୦୧୮ ମେ ୨୬ ତାରିଖରେ ମ୍ୟାଲେରିଆ ଜ୍ୱରରେ ମୃତ୍ୟୁ ଘଟିଥିଲା। ମୃତ୍ୟୁର ୪ ବର୍ଷ ବିତିଯାଇଥିଲେ ମଧ୍ୟ ତାଙ୍କ ବିଧବା ସ୍ତ୍ରୀ ରୁକ୍ମଣୀ ଭତ୍ତା ପାଇବାରୁ ବଞ୍ଚିତ। ପରିବାରରେ କମଳ ଧରୁଆ ଜଣେମାତ୍ର ରୋଜଗାରକ୍ଷମ ବ୍ୟକ୍ତି


ଦୁଇ ଝିଅ ସହିତ ବିଧବା ରୁକ୍ମଣୀ।

ଥିଲେ। ତାଙ୍କ ମୃତ୍ୟୁ ପରେ ପରିବାର ବେସାହାରା ହୋଇ ଚଳିବା କଷ୍ଟକର ହେଉଛି। ବର୍ତ୍ତମାନ ରୁକ୍ମଣୀଙ୍କ ଦୁଇ ଝିଅ ନୃପତି (୧୬) ଓ ସରସ୍ୱତି (୫)ଙ୍କୁ ଧରି ଅସହାୟ ହୋଇପଡିଛନ୍ତି। ନୃପତି ଜଣେ ମାନସିକ ରୋଗୀ ହୋଇଥିବାରୁ

### ମାନସିକ ରୋଗୀ ଝିଅଙ୍କ ଚିକିତ୍ସାରେ ଅର୍ଥ ବାଧକ

ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। କୁଲି ମଜୁରୀ କରୁଥିବା ରୁକ୍ମଣୀ ପାଇଁ ପରିବାର ଚଳାଇବା ଓ ଚିକିତ୍ସା କରାଇବା ପାଇଁ ଅସମର୍ଥ। ଅସହାୟ ଗରିବ ପରିବାର ହୋଇଥିବାରୁ ତାଙ୍କୁ ବିଧବା ଭତ୍ତା ସହିତ ମାନସିକ ରୋଗୀ ନୃପତିଙ୍କ ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କୋମନା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସିତାକାନ୍ତ ବନଗୋଲାଙ୍କୁ ପଚାରିବାରୁ ଆମ ପାଖରେ ଏହା ଉପରେ କୌଣସି ଖବର ନାହିଁ। ଏବେ ତାହାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

## ଦ୍ୱିତୀୟ ଦିନ ୧୧୪ ପ୍ରାର୍ଥୀ କଲେ ନାମାଙ୍କନ

ବୌଦ୍ଧ,(ସ୍ୱ.ପ୍ର): ବୌଦ୍ଧ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ମଙ୍ଗଳବାର ସରପଞ୍ଚ, ସମିତି ସଭ୍ୟ ଓ ୱାଡସଭ୍ୟ ପଦ ପାଇଁ ୧୧୪ ପ୍ରାର୍ଥୀ ନାମାଙ୍କନ କରିଛନ୍ତି। ତେବେ ଜିଲା ପରିଷଦ ପଦ ପାଇଁ ଜଣେ ହେଲେ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନାହାନ୍ତି। ସରପଞ୍ଚ ପଦ ପାଇଁ ହରଭଙ୍ଗା ବ୍ଲକରୁ ୫ ଜଣ, ବୌଦ୍ଧ ବ୍ଲକରୁ ୨ ଓ କଣ୍ଟାମାଳ ବ୍ଲକରୁ ୩ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ସମିତି ସଭ୍ୟ ପାଇଁ ହରଭଙ୍ଗା ବ୍ଲକରୁ ୪ ଓ ବୌଦ୍ଧ ବ୍ଲକରୁ ୩ ଜଣ ନାମାଙ୍କନ ପତ୍ର ଦାଖଲ କରି ଜିଲା ପଞ୍ଚାୟତ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ବୀରମହାରାଜପୁର କଲେଜ ପରିଚାଳନା କମିଟି ବୈଠକ

**ଅମରପାଲି,୧୮।୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟ ପରିଚାଳନା କମିଟିର ଏକ ବୈଠକ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଲେଜ ଅଧକ୍ଷ ମୂରଲୀଧର ହୋତା, ଅଧାପକ ଦୀନବନ୍ଧୁ ମେହେର, ରଜେଶ୍ୱରୀ କର, ଜଗଦୀଶ ସାହୁ, ରାଧାକାନ୍ତ ବାଘ, ସୟଦ ମୁଜାଫର ଅଲି, ମୌସୁମୀ ମେର୍ଲି, ରଞ୍ଜିତ ରଥ ଓ ନିଳିମା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ନାକ୍ କମିଟିର ପରିଦର୍ଶନ ଓ ଗ୍ରାଣ୍ଟ ସକାଶେ ବିଭିନ୍ନ ମାନଦଣ୍ଡ ପୂରଣ, କେତେକ ମ୍ୟାନେଜମେଣ୍ଟ ଷ୍ଟାଫଙ୍କ ଦରମା ଓ ନିୟମିତକରଣ ପ୍ରସଙ୍ଗ, ଛାତ୍ରାବାସକୁ କାର୍ଯ୍ୟକ୍ଷମ କରିବା, ସଂସ୍କୃତ ଅଧାପକ ପଦ ପୂରଣ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଆସନ୍ତା ୩୦ ତାରିଖରେ ପରବର୍ତ୍ତୀ ବୈଠକ କରାଯିବାକୁ ସ୍ଥିର ହୋଇଛି।

### ଜାତୀୟ ଯୁବ ସପ୍ତାହ ପାଳିତ

**ଅମରପାଲି,୧୮।୧(ଡି.ଏନ.ଏ.):** ନେହେରୁ ଯୁବକେନ୍ଦ୍ର ସୁବର୍ଣ୍ଣପୁର ଓ ଭୀମ ଭୋଇ ସେବା ସଂଘ ଜଟେସିଂହା ମିଳିତ ଆନୁକୂଲ୍ୟରେ ବୀରମହାରାଜପୁର ବ୍ଲକ ଜଟେସିଙ୍ଘାଠାରେ ଜାତୀୟ ଯୁବ ସପ୍ତାହର ଦକ୍ଷତା ବିକାଶ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ରର ଯୁବ ସ୍ୱେଚ୍ଛାସେବୀ ସୁଦର୍ଶନ ଭରାସାଗର ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ବସନ୍ତ ସାହୁ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ମାର୍ଗ, ନୀତି, ଆଦର୍ଶ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଲକ୍ଷ୍ମଣ ସାହୁ ଓ ଦିନେଶ ବିଶାଳ ଯୋଗଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ସାମାଜିକ ନିୟମକୁ ପାଳନ ପୂର୍ବକ ଦକ୍ଷତା ବିକାଶ କିପରି ହୋଇ ପାରିବ, ଦକ୍ଷତା ବିକାଶ ଦିଗରେ ଉପୁଜୁ ଥିବା ସମସ୍ୟା ଓ ତାର ସମାଧାନ ବିଷୟରେ ଏକ ବକ୍ତୃତା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଶେଷରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମନୋରଞ୍ଜନ ଜଗଦଲା ଧନ୍ୟବାଦ ଅର୍ପଣ କରିଥିଲେ।

### ଦ୍ୱିତୀୟ ଦିନରେ ୪୨ଜଣ ନାମାଙ୍କନ ଭରିଲେ

**ଦେଓଗାଁ,୧୮।୧ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ନାମାଙ୍କନ ଦାଖଲର ଦ୍ୱିତୀୟ ଦିନରେ ୨୬ ପଞ୍ଚାୟତରୁ ସରପଞ୍ଚ ପଦ ଲାଗି ୫, ସମିତି ସଭ୍ୟ ପାଇଁ ୫ ଓ ୱାର୍ଡ ସଭ୍ୟ ପାଇଁ ୩୨ଜଣ ଏହିପରି ମୋଟ ୪୨ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସରପଞ୍ଚ ପ୍ରାର୍ଥୀ ପାଇଁ ଗାଇବାହାଲରୁ ଜଣେ, ଗୌରଗୋଠରୁ ଜଣେ, ଲଣ୍ଡାପଥର ୨ ଜଣେ, ରାମଚନ୍ଦ୍ରପୁର ଜଣେ, ସମିତି ସଭ୍ୟ ପାଇଁ ଗାଇବାହାଲରୁ ଜଣେ, ମୁକୁନ୍ଦପୁର ଜଣେ, ସାରସମାଲ ଜଣେ, ଉପରଝରରୁ ଦୁଇ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ବୋଲି ଜିପିଓ ପୁଷ୍ପାଞ୍ଜଳି ନାଏକ ସୂଚନା ଦେଇଛନ୍ତି।

### ୩ ବାଲ୍ୟ ବିବାହ ରୋକିଲା ପ୍ରଶାସନ

**ଲୋଇସିଂହା,୧୮।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ପଞ୍ଚାୟତ ସଦର ମହକୁମାରେ ୩ଟି ବାଲ୍ୟ ବିବାହକୁ ମଙ୍ଗଳବାର ବନ୍ଦ କରିଛି ଚାଇଲ୍ଡଲାଇନ ଓ ଜିଲା ପ୍ରଶାସନ। ଲୋଇସିଂହା ନୂଆପଡାର ଜଣେ ଓ ଚମାରପାଡର ଦୁଇ ନାବଳିକାଙ୍କ ନିର୍ବନ୍ଧ ସରିବା ସହ ବିବାହ ତାରିଖ ସ୍ଥିରୀକୃତ ହୋଇଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ଚାଇଲ୍ଡଲାଇନକୁ ମିଳିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସିଡିପିଓ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀ ପ୍ରଜ୍ଞା ବାରିକ, ପୋଲିସ ଏସଆଇ ନବୀନ ଭୋଇ, ଆଇସିଡିଏସ ସୁପରଭାଇଜର ସୁନନ୍ଦା ମିଶ୍ର, ସ୍ଥାନୀୟ ଅଙ୍ଗନବାଡି କର୍ମୀ, ଚାଇଲ୍ଡ ଲାଇନ ସଦସ୍ୟ ୩ ନାବାଳିକାଙ୍କ ଘରେ ପହଞ୍ଚି ଥିଲେ। ବାଲ୍ୟ ବିବାହର ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ କୁପରିମାଣ ବିଷୟରେ ସେମାନେ ନାବାଳିକାଙ୍କ ପରିବାର ଲୋକଙ୍କୁ ବୁଝାଇଥିଲେ। ଏହାପରେ ଝିଅଙ୍କୁ ୧୮ବର୍ଷ ପୂର୍ବରୁ ବିବାହ ନକରିବାକୁ ସହମତି ପ୍ରକାଶ କରିଥିବା ବାଲ୍ୟ ବିବାହ ନିଷେଧ ଅଧିକାରୀ ବାରିକ କହିଛନ୍ତି। ଚମାରପଡା ଦୁଇ ନାବଳିକାଙ୍କ ବିବାହ ଯଥାକ୍ରମେ ଜାନୁୟାରୀ ୨୪ ଏବଂ ଫେବୃୟାରୀ ୯ରେ ଥିବାବେଳେ ନୂଆପଡା ନାବାଳିକାଙ୍କ ବିବାହ ଏପ୍ରିଲ ୪ରେ ସ୍ଥିରୀକୃତ ହୋଇଥିଲା।

# ସବୁ ଦଳକୁ ପ୍ରାର୍ଥୀ ଚୟନ ଅଡୁଆ

ବରଗଡ଼ ଅଫିସ୍,୧୮।୧

■ବରଗଡ଼ ଜିଲାରେ ଦାଖଲ ହୋଇଛି ୨୭୭ ନାମାଙ୍କନ ପତ୍ର
■ଜିଲା ପରିଷଦ ପାଇଁ କେହି ଦାଖଲ କରିନାହାନ୍ତି
■ସରପଞ୍ଚରେ ୩୭, ସମିତିସଭ୍ୟରେ ୧୪ନାମାଙ୍କନ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ସୋମବାରଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହେବା ପରେ ବରଗଡ଼ ଜିଲାରେ ରାଜନୈତିକ ଉଷ୍ମତା ବଢ଼ି ଚାଲିଛି। ୱାର୍ଡ଼ସଭ୍ୟଠାରୁ ଆରମ୍ଭ କରି ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ପର୍ଯ୍ୟନ୍ତ ସବୁ ଆସନକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ପ୍ରାର୍ଥୀ ଚୟନକୁ ନେଇ ସବୁଦଳର ଅଙ୍କକଷା ଚାଲିଛି। ଆଶାୟୀଙ୍କ ସଂଖ୍ୟା ବଢୁଥିବାରୁ ତାହା ରାଜନୈତିକ ଦଳ ପାଇଁ ଅଡୁଆ ସାଜିଛି।

ଜିଲା ପଞ୍ଚାୟତ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ସୁଦ୍ଧା ଜିଲାରେ ସମୁଦାୟ ୨୭୭ ନାମାଙ୍କନ ପତ୍ର ଦାଖଲ ହୋଇଛି। ସେଥିମଧ୍ୟରୁ ସର୍ବାଧିକ ୨୨୬ଜଣ ୱାର୍ଡ଼ସଭ୍ୟ, ୩୭ସରପଞ୍ଚ ଏବଂ ୧୪ଜଣ ସମିତିସଭ୍ୟ ପଦବୀ ଲାଗି ଆଶାୟୀ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସେଥିମଧ୍ୟରୁ ଅତାବିରା ବ୍ଲକରେ ୨୩ ୱାର୍ଡ଼ସଭ୍ୟ, ୬ ସରପଞ୍ଚ, ୫ସମିତିସଭ୍ୟ, ଅମ୍ବାଭୋନାରେ ୧୧ ୱାର୍ଡ଼ସଭ୍ୟ, ଗାଇସିଲେଟ ୧୮ୱାର୍ଡ଼ସଭ୍ୟ, ୩ସରପଞ୍ଚ, ଝାରବନ୍ଧରେ ୨୯ୱାର୍ଡ଼ସଭ୍ୟ, ପାଇକମାଳରେ ୧୧ୱାର୍ଡ଼ସଭ୍ୟ, ୩ସରପଞ୍ଚ, ଜଣେ ସମିତିସଭ୍ୟ, ବରଗଡ଼ରେ ୨୨ୱାର୍ଡ଼ସଭ୍ୟ, ୫ସରପଞ୍ଚ, ଜଣେ ସମିତିସଭ୍ୟ, ବରପାଲିରେ ୨୬ୱାର୍ଡ଼ସଭ୍ୟ, ୩ସରପଞ୍ଚ, ବିଜେପୁରରେ ୨୯ୱାର୍ଡ଼ସଭ୍ୟ, ୨ସରପଞ୍ଚ, ୩ସମିତିସଭ୍ୟ, ଭଟଲିରେ ୭ୱାର୍ଡ଼ସଭ୍ୟ, ୨ସରପଞ୍ଚ, ୨ସମିତିସଭ୍ୟ, ଭେଡ଼େନରେ ୨୭ ୱାର୍ଡ଼ସଭ୍ୟ, ୯ସରପଞ୍ଚ, ଜଣେ ସମିତିସଭ୍ୟ, ରାଜବୋଡ଼ାସମ୍ବରରେ ୧୩ୱାର୍ଡ଼ସଭ୍ୟ, ୪ସରପଞ୍ଚ, ୨ସମିତିସଭ୍ୟ ଏବଂ ସୋହେଲା ବ୍ଲକରେ ୧୯ ୱାର୍ଡ଼ସଭ୍ୟ ନାମାଙ୍କନପତ୍ର ଦାଖଲ କରିଛନ୍ତି।

ବର୍ତ୍ତମାନ ସୁଦ୍ଧା ଜିଲାର ୩୪ ଆସନ ମଧ୍ୟରୁ କୌଣସି ଜିଲା ପରିଷଦ ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ ନ ହୋଇନାହିଁ। ସବୁଦଳ ପାଇଁ ପ୍ରାର୍ଥୀ ଚୟନ ସମସ୍ୟା ଭାବେ ଉଭା ହୋଇଛି। କେବଳ ଜିଲା ପରିଷଦ ନୁହେଁ, ସରପଞ୍ଚ, ସମିତିସଭ୍ୟ ଆସନ ପାଇଁ ଆଶାନୁରୂପ ନାମାଙ୍କନପତ୍ର ଦାଖଲ ହୋଇ ପାରିନାହିଁ। ସେହିପରି ଜିଲାରେ ୨୫୩ ସରପଞ୍ଚ ଓ ସମିତିସଭ୍ୟ ଆସନ ରହିଛି। ମାତ୍ର ଏପର୍ଯ୍ୟନ୍ତ ସରପଞ୍ଚ ପଦବୀ ପାଇଁ ୩୭ ଏବଂ ସମିତିସଭ୍ୟ ଆସନ ପାଇଁ କେବଳ ୧୪ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି।

## ଲଳିତ ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ



ଶ୍ରଦ୍ଧାଞ୍ଜଳି ସଙ୍ଗୀତକୁ ଲୋକାର୍ପିତ କରାଯାଉଛି।

ବଲାଙ୍ଗୀର ଅଫିସ, ୧୮।୧

ବଲାଙ୍ଗୀର ପିପି ଏକାଡେମୀରେ ଶ୍ରମିକ ନେତା ଲଳିତ କୁମାର ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ପାଳିତ ହୋଇଯାଇଛି। ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ତରଫରୁ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅନୁଷ୍ଠାନ ପ୍ରତିଷ୍ଠାତା ସୋମନାଥ ମିଶ୍ର ଅଧକ୍ଷତା କରିଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତ ହେ ଲଳିତ ଦାଦା ତୁମକୁ ବଡା ମନେ ପଡୁଛେ ନାମକ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଲୋକାର୍ପିତ କରାଯାଇଥିଲା। ଏହାର ଗୀତକୁ ରସରାଜ ଅଚ୍ୟୁତ ପୁରୋହିତ ଲେଖିଥିବା ବେଳେ ବ୍ୟାସଦେବ ପୁରୋହିତ, ଶାଶ୍ୱତ ତ୍ରିପାଠୀ, ପୂଜା ଆରାଧନା ମିଶ୍ର କଣ୍ଠଦାନ କରିଛନ୍ତି। ଏହାକୁ ସ୍ୱର୍ଗତ ନାୟକଙ୍କ ଘନିଷ୍ଠ ସହଯୋଗୀ ରିକ୍ସା ଚାଳକ ରବି ସୁନା ଲୋକାର୍ପିତ କରିଥିଲେ। ଏହି ସଭାରେ ଦୀପକ ନାୟକ, ପ୍ରଭାସ ପାଣିଗ୍ରାହୀ, ଶ୍ରୀକର ମିଶ୍ର, ରବିଶଙ୍କର ପାଣ୍ଡିଆ, ବିକ୍ରମ ବହିଦାର, ପ୍ରଭାକର ମିଶ୍ର, ମନୋରଞ୍ଜନ ଯୋଶୀ, ରତନ ମହାରଣା, ପ୍ରତାପ ରଥ, ବିନୋଦ ଦାସ, ସନ୍ତୋଷିନୀ ବେହେରା, ସରିତା ଦାସ, ମୋହନ ଅଗ୍ରୱାଲ, ବିଧୁଭୂଷଣ ତ୍ରିପାଠୀ ପ୍ରମୁଖ ସ୍ୱର୍ଗତ ନାୟକଙ୍କ ସମାଜସେବା, ଶ୍ରମିକ କଲ୍ୟାଣ କାର୍ଯ୍ୟ, ସାମାଜିକ ସାଂସ୍କୃତିକ ସାଙ୍ଗଠନିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ।

# ସ୍ୱତନ୍ତ୍ର ଆର୍ଥିକ ସହାୟତା ଦିଅ



ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଦ୍ୟାଳୟ ସଂଘ କର୍ମକର୍ତ୍ତା।

ସୋନପୁର,୧୮।୧(ନି.ପ୍ର.)

**ବେସରକାରୀ ବିଦ୍ୟାଳୟ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର**

ସୁବର୍ଣ୍ଣପୁର ଜିଲା ବେସରକାରୀ ବିଦ୍ୟାଳୟ ସଂଘ ପକ୍ଷରୁ ମଙ୍ଗଳବାର ଜିଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅଲ ଓଡିଶା ପ୍ରାଇଭେଟ୍ ସ୍କୁଲ ଆସୋସିଏଶନ ଆହ୍ୱାନକ୍ରମେ ଜିଲା ଶାଖା ପକ୍ଷରୁ ପ୍ରଦତ୍ତ ସ୍ମାରକପତ୍ରକୁ ଭାରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତିଆ ଗ୍ରହଣ କରିଥିଲେ। କରୋନା ଯୋଗୁଁ ଦୁଇବର୍ଷ ହେବ ଶିକ୍ଷୟିତ୍ରୀଶିକ୍ଷକ ତଥା ବିଦ୍ୟାଳୟ କର୍ମଚାରୀମାନଙ୍କର ଆର୍ଥିକସ୍ଥିତି ଦୁର୍ବିସହ ହୋଇପଡିଛି। ତେଣୁ ବେସରକାରୀ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ତଥା କର୍ମଚାରୀଙ୍କୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କଠାରେ ଦାବି କରାଯାଇଛି। ସେହିଭଳି କରୋନା ସମୟରେ ସ୍ୱୀକୃତି ପ୍ରମାଣପତ୍ର ଓ ଏନଓସି ଅବଧିର ସମୟସୀମାକୁ ଆସନ୍ତା ୫ ବର୍ଷ ପାଇଁ ବୃଦ୍ଧି କରିବାକୁ ଦାବି ହୋଇଛି। ଶିକ୍ଷା ଅଧିକାର ଆଇନ ଅନ୍ତର୍ଗତ ୨୫% ଛାତ୍ରୀଛାତ୍ରଙ୍କୁ ମାଗଣା ଶିକ୍ଷାର ଭରଣା ପାଇଁ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଥିଲା। ଏହି ଅବସରରେ ସୁବର୍ଣ୍ଣପୁର ଜିଲା ବେସରକାରୀ ସ୍କୁଲ ସଂଘ ସଭାପତି ଗତିକୃଷ୍ଣ ମିଶ୍ର, ସମ୍ପାଦକ ଶିବପ୍ରସାଦ ପାତ୍ର, କ୍ଷୀର ସାଗର ବିଭାର, ତରଭାର ରାଜେଶ ମେହେର, ବିନିକାର ବାଲଗୋପାଳ ପଣ୍ଡା, ସର୍ବେଶ୍ୱର ପୁରୋହିତ, ସୋନପୁରର ସନ୍ତୋଷ ପୂଜାହାରୀ, ଅରୁଣ କୁମାର ରଥ, ଅକ୍ଷୟ କୁମାର ସାହୁ, ସଞ୍ଜୟ କୁମାର ସାହୁ, ସଚ୍ଚିକାନ୍ତ ପଧାନ, ବୀରମହାରାଜପୁରର ପଙ୍କଜ ଖମାରୀ ଓ ସୁବଳୟାର ସତ୍ୟନାରାୟଣ ପୂଜାହାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍କୁଲ ନାହିଁ ତ ଭୋଟ୍ ନାହିଁ

ବରଗଡ଼ ଅଫିସ୍,୧୮।୧

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଗୁଦେରପାଲି ପଞ୍ଚାୟତ ଅନ୍ତର୍ଗତ ରେଙ୍ଗାଲପାଲି ପ୍ରାଥମିକ ସ୍କୁଲକୁ ବନ୍ଦ କରି ଦିଆଯାଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଫେରାଦ ହେବା ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ଗ୍ରାମର ସ୍କୁଲ ବନ୍ଦ ନିଷ୍ପତ୍ତିକୁ ସରକାର ପ୍ରତ୍ୟାହାର ନ କଲେ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି କ୍ରମରେ ମଙ୍ଗଳବାର ଗ୍ରାମର ସାମିଲ ବଙ୍କା, ଅଶ୍ୱିନୀ ବାଗ, କିଶୋର ବାଗ, ସାଧୁ ବାଗ, ବିଭୀଷଣ ନାଏକ ପ୍ରମୁଖ ସ୍ଥାନୀୟ ବିଡ଼ିଓ ପ୍ରବୀଣ କୁମାର ପଣ୍ଡଆଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ନାମାଙ୍କନପତ୍ର ଦାଖଲ କଲେ ସାମାଜିକ ବାସନ୍ଦ

ଦେଓଗାଁ,୧୮।୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସିଂହାମୁଣ୍ଡା ପଞ୍ଚାୟତ ଖଲିଆପାଲିରେ ବ୍ଲକ ଆଦିବାସୀ କଲ୍ୟାଣ ସଂଘର ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟକାରୀ ସଭାପତି ସୁରଥ ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତ ପଞ୍ଚାୟତ ନିର୍ବାଚନରେ ରାଜ୍ୟ ସରକାର ଆଦିବାସୀଙ୍କ ସଂରକ୍ଷଣ ସରପଞ୍ଚ ଓ ବ୍ଲକ ଅଧକ୍ଷ କୋଟା ଉଚ୍ଛେଦ କରିଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ସର୍ବସମ୍ମତିକ୍ରମେ କୌଣସୀ ଆଦିବାସୀ ବିଜେଡି ଦଳ ତରଫରୁ ନାମାଙ୍କନପତ୍ର ଦାଖଲ କଲେ ତାଙ୍କୁ ସାମାଜିକ ବାସନ୍ଦ କରାଯିବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଥିବା ସଭାପତି ସୁରଥ ଧରୁଆ ସୂଚନା ଦେଇଥିଲେ। ବୈଠକରେ କୁଡାମିର୍ଦ୍ଧା ଜିଲା ସଭାପତି ବିଜୟ କାଲସାଏ, ବିଞ୍ଝାଲ ସମାଜ ବ୍ଲକ ସଭାପତି ମଦନ ବରିହା, କନ୍ଧ ସମାଜ ବନ୍ଧପଡା ଜୋନ ସଭାପତି ଦୟାନିଧି କୁଅଁର, ମିର୍ଦ୍ଧା ସମାଜ ସଭାପତି ଚକ୍ର ମିର୍ଦ୍ଧା, ଗଣ୍ଡ ସମାଜ ସଭାପତି ସୁରଥ ଧରୁଆ, ସହଁରା ସମାଜ ସଭାପତି ଅନନ୍ତ ରାମ ଭୋଇ, ଶିବ ବାଗ, ଜିଏସୟୁ ଜିଲା ସଦସ୍ୟ ଟିକେଲାଲ ଧରୁଆ, ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ପୁରନ୍ଦର ଭୋଇ ପ୍ରମୁଖ ଯୋଗଦେଇଥିଲେ।

## ନିର୍ଦ୍ୱନ୍ଦ୍ୱ ସରପଞ୍ଚ ଚୟନ ପାଇଁ ବୈଠକ

ଲୋଇସିଂହା,୧୮।୧(ଡି.ଏନ.ଏ.)

**ବାହାରିଲାନି ନିଷ୍କର୍ଷ**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆଗଲପୁର ବ୍ଲକ ସାଲେଭଟା ପଞ୍ଚାୟତ ସରପଞ୍ଚ ପଦ ଚଳିତ ଥର ଅଣସଂରକ୍ଷିତ ରହିଛି। ଏକ ଆଦର୍ଶ ପଞ୍ଚାୟତ କରିବା ପାଇଁ ନିର୍ଦ୍ୱନ୍ଦ୍ୱ ସରପଞ୍ଚ ନିର୍ବାଚନ ପାଇଁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ହେଲେ ଦଳିତ ବର୍ଗର କେତେକ ଆଶାୟୀ ଏପରି ଉଦ୍ୟମକୁ ବିରୋଧ କରିଥିଲେ। ଫଳରେ ବୈଠକରେ କୌଣସି ନିଷ୍କର୍ସ ବାହାରି ପାରି ନ ଥିଲା।

ସାଲେଭାଟା, ଖଲିଆପାଲି ଆଦି ଗାଁକୁ ନେଇ ସାଲେଭାଟ ପଞ୍ଚାୟତ ଗଠିତ। ତ୍ରିସ୍ତରୀୟ ପଞ୍ଚୟତ ନିର୍ବାଚନ ଆଲୋଚନା ପାଇଁ ଗାଁରେ ରବିବାର ଡିଙ୍ଗୁରା ଦିଆ ଯାଇଥିଲା। ସେହିଦିନ ସନ୍ଧ୍ୟାରେ ଗ୍ରାମରେ ଥିବା ଏକ ମନ୍ଦିର ପ୍ରାଙ୍ଗଣରେ ଜିଲାର ଜଣେ ପ୍ରଭାବଶାଳୀ ଯୁବନେତାଙ୍କ ଅଧକ୍ଷତାରେ ବୈଠକ ଆହୂତ ହୋଇଥିଲା। ବୈଠକରେ ନିର୍ଦ୍ୱନ୍ଦ୍ୱରେ ଜଣେ ପ୍ରାର୍ଥୀଙ୍କୁ ସରପଞ୍ଚ ନିର୍ବାଚିତ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏପରି ହେଲେ ସରକାରଙ୍କଠାରୁ ଆଦର୍ଶ ପଞ୍ଚାୟତଭାବେ ୧୨ଲକ୍ଷ ଟଙ୍କ ମିଳିବ ବୋଲି କୁହାଯାଇଥିଲା। ଗତ ୨୦୧୭ ତ୍ରିସ୍ତରୀୟ ନିର୍ବାଚନରେ ମଧ୍ୟ ଏପରି କରାଯାଇଥିବାରୁ ରବିବାର ବୈଠକରେ କେତେକ ଏହାକୁ ବିରୋଧ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ନିର୍ବାଚିତ ସରପଞ୍ଚ ଦଳିତ ଲୋକଙ୍କ ଘର ଭାଙ୍ଗିଲେ। କୁଆଡେ ଗଲା ସେ ଆଦର୍ଶ ପଞ୍ଚାୟତ ଏବଂ ଟଙ୍କା ବୋଲି ମହାଦେବ ପାଇକ, ପାଣ୍ଡବ କୁମ୍ଭାର, ଗଣେଶ ମହାନନ୍ଦ, କାଳିଆ କୁମ୍ଭାରଙ୍କ ସମେତ କେତେ ସରପଞ୍ଚ ଆଶାୟୀ ଜବାବ ମାଗିଥିଲେ।

# ୭ ବର୍ଷ ବିତିଲା, କାମ ସରିଲାନି

ବାଉଁଶୁଣୀ, ୧୮।୧(ଡି.ଏନ.ଏ.)

**ପଦ୍ମନପୁର ପ୍ରାଣୀଧନ ନିରୀକ୍ଷଣ କେନ୍ଦ୍ର**



ଅଧାପନ୍ତରିଆ ହୋଇ ପଡି ରହିଥିବା ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର।

ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତରେ ୨୦୧୪ ମସିହାରେ ଏକ ପ୍ରାଣୀଧନ କେନ୍ଦ୍ର ନିର୍ମାଣ କାମ ଆରମ୍ଭ ହୋଇଥିଲା। ଆରଆଇଡିଏଫ (ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି) ଅନୁଦାନରୁ ବ୍ୟୟ ଅଟକଳ ଥିଲା ୫ ଲକ୍ଷ ୩୩ ହଜାର ଟଙ୍କା। ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଥିଲା। ଇତିମଧ୍ୟରେ ୭ ବର୍ଷ ବିତିଯାଇଥିଲେ ମଧ କେବଳ ଛାତ ପଡିଛି। ଅନ୍ୟ କୌଣସି କାମ ଆରମ୍ଭ ହୋଇନାହିଁ। ପ୍ରଶାସନିକ ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁଁ କାମ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହ ଅଧିକାରୀ ଗୋକୁଳ ଭୋଇଙ୍କୁ ପଚାରିବାରୁ ଅଟକଳ ହିସାବରେ ଅର୍ଥ କମ ଥିବାରୁ କାମ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଅଟକଳ ବଢିଲେ ସମ୍ପୂର୍ଣ୍ଣ ହେବ ବୋଲି କହିଥିଲେ। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେଇ କାମ ସମ୍ପୂର୍ଣ୍ଣ କରିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ପରିବାର ମଙ୍ଗଳ ଯୋଜନାରୁ ବାଦ୍ ପଡିଛନ୍ତି ବିଧବା ମହିଳା

ଲାଠୋର, ୧୮।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲାଠୋର ଗ୍ରାମର ବିଧବା ମହିଳା ମଧୁ ଛତ୍ରିଆ(୩୩)। ୨୦୨୧ ଏପ୍ରିଲ ୩୦ରେ ସ୍ୱାମୀ ବିନୋଦ ଛତ୍ରିଆଙ୍କର କୋଭିଡ ଆକ୍ରାନ୍ତ ହୋଇ ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ୯ମାସ ବିତି ଯାଇଥିଲେ ବି ପରିବାର ମଙ୍ଗଳ ଯୋଜନାରେ ମଧୁଙ୍କୁ ସାମିଲ କରାଯାଇ ନାହିଁ। ଏଥିଯୋଗୁ ଦୁଇପୁଅ ଅନିକେତ ଓ ଅଙ୍କିତଙ୍କୁ ନେଇ ସେ ବଡକଷ୍ଟରେ ପରିବାର ପ୍ରତିପୋଷଣ କରୁଛନ୍ତି। ସମ୍ପତି ବାଡି କିଛି ନାହିଁ। ମୂଳ ମଜୁରି କରି ବିନୋଦ ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ମୃତ୍ୟୁ ପରେ ଦୁଇ ପିଲାଙ୍କୁ ଆଶୀର୍ବାଦ ଯୋଜନାରେ ସାମିଲ କରି ଜୁଲାଇ ୨୦୨୧ରେ ୧୫ଶହ ଲେଖାଏ ଟଙ୍କା ଜମା ଆକାରରେ ପ୍ରଦାନ କରାଗଲା। ଏହା ପରଠାରୁ ଗତ ୫ମାସ ହେବ ଆଉ ଟଙ୍କା ପ୍ରଦାନ କରାଯାଉ ନାହିଁ। ପରିବାର ମଙ୍ଗଳ ଯୋଜନାରେ ସାମିଲ କରିବା ସହ ବିଧବା ଭତ୍ତା ପ୍ରଦାନ କରିବା ପାଇଁ ଅକ୍ଟୋବର ମାସରେ ମଧୁ ବ୍ଲକ କାର୍ଯ୍ୟାଳୟରେ ଆବେଦନ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ସରକାରୀ ସହାୟତା କହିଲେ ପଞ୍ଚାୟତରୁ ମାସିକ ୧୫ କେଜି ଚାଉଳ ମିଳୁଛି। ତେବେ ଏତିକିରେ ଦୁଇ ପିଲାଙ୍କୁ ଚଳଇବା ସମ୍ଭବ ହେଉ ନ ଥିବା କହିଛନ୍ତି ମଧୁ। ଏନେଇ ବିଡିଓ ରଶ୍ମିରଞ୍ଜନ ରାଉତଙ୍କୁ ପଚାରିବାରୁ ତୁରନ୍ତ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

# ବବାବନ୍ଧୁ ଭେଟ୍‌ଘାଟ କାର୍ଯ୍ୟକ୍ରମ

ଦେଓଗାଁ ,୧୮।୧ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଜୁର୍ଲାକାନୀ ପ୍ରୋଜେକ୍ଟ ନିକଟରେ ପୁଷପୁନି ଉପଲକ୍ଷେ ମଙ୍ଗଳବାର ବବାବନ୍ଧୁ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡା. ଶଶୀଭୂଷଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋଶଳି ନେତା ବିଭୂଦତ୍ତ ମିଶ୍ର ଯୋଗଦେଇ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଏକଜୁଟ ହେବା ପାଇଁ ଆହ୍ୱାନ ଦେଇଥିଲେ। କୋଶଳାଞ୍ଚଳରେ ରହିଥିବା ଜିଲାର ଅଧିବାସୀମାନେ ବାରମ୍ବାର ଅବହେଳିତ ରହୁଥିବାରୁ ସ୍ୱତନ୍ତ୍ର କୋଶଳ ପ୍ରଦେଶ ଗଠନ ନିତାନ୍ତ ଆବଶ୍ୟକ ବୋଲି ଉପସ୍ଥିତ କର୍ମକର୍ତ୍ତାମାନେ ମତ ରଖିଥିଲେ। ସୁବଳ ରଣା, ବବଲୁ ଅଗ୍ରୱାଲ, କାର୍ତ୍ତିକ ମଲ୍ଲିକ, ମଦନ ସାହୁ, ସିନୁ ସାହୁ, ଜୟନ୍ତ ସାହୁ, କୁଶ ସାହୁ, ଅମର ନନ୍ଦ, ରମେଶ ସାହୁ, ତରଣୀ ବକୁଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା କର୍ମକର୍ତ୍ତା।

**ରକ୍ତହୀନତା ରୋଗର ଶିକାର ଇନ୍ଦ୍ରାଣୀ**

# ଅସହ୍ୟ ହେଉଛି ଯନ୍ତ୍ରଣା

ଲୋଇସିଂହା,୧୮।୧(ଡି.ଏନ.ଏ.)



ସ୍ୱାମୀଙ୍କ ସହ ଇନ୍ଦ୍ରାଣୀ।

**ବିଏସ୍‌କେଓ୍ୱାଇ କାର୍ଡ ଅଛି, କରି ପାରୁନାହାନ୍ତି ଉପଯୋଗ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କରନପାଲି ଗାଁର ଇନ୍ଦ୍ରାଣୀ ମହାକୁର(୪୫)। ଜୀବନ ଯେମିତି ତାଙ୍କ ପାଇଁ ଅଭିଶପ୍ତ ହୋଇଯାଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ ଥିଲେ ବି ଡାକ୍ତରଖାନା ଯାଇ ଚିକିତ୍ସାରେ ତାହାକୁ ସେ ଉପଯୋଗ କରି ପାରୁନାହାନ୍ତି। ଅନ୍ୟନୋପାୟ ହୋଇ ଶଯ୍ୟାଶାୟୀ ହୋଇ ପଡି ରହିଛନ୍ତି। ପ୍ରତିଟି ଜୀବନ ମୂଲ୍ୟବାନ କହି ଆସୁଥିବା ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ସାକାର କରିବା ଦିଗରେ ପ୍ରତି ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ନ ପକାଇବା ବିଡମ୍ବନାର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି।

କରନ୍‌ପାଲି ଗାଁର ତରଣୀ ମହାକୁର(୫୦)ଙ୍କ ସ୍ତ୍ରୀ ଇନ୍ଦ୍ରାଣୀ। ଏକମାତ୍ର ଝିଅକୁ ନେଇ ତାଙ୍କ ସଂସାର। ଜମିବାଡି ବୋଲି କିଛି ନାହିଁ। ମୂଲମଜୁରି କରି ପରିବାର ପ୍ରତିପୋଷଣ କରନ୍ତି ତରଣୀ। ଇନ୍ଦ୍ରାଣୀଙ୍କ କହିବା ମୁତାବକ ଝିଅ ଜନ୍ମପରଠାରୁ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡି ଯାଇଥିଲା। ସେ ରକ୍ତହୀନତାର ଶିକାର ହୋଇଥିଲେ। ମଝିରେ ରକ୍ତ ନେଲା ପରେ ସୁସ୍ଥତା ଅନୁଭବ କରି ଘର କାମ କରୁଥିଲେ। ହେଲେ ଗତ ୧୦ବର୍ଷ ହେଲା ସେ ଆଉ ଚଲାବୁଲା କରି ପାରୁନାହାନ୍ତି। ୩ ବର୍ଷ ତଳେ ଝିଅର ବାହାଘର ହୋଇଯାଇଛି। ସ୍ୱାମୀ ମୂଲ ଲାଗି ଗଲେ ଘରେ ତାଙ୍କ ଦେଖାରେଖା ପାଇଁ କେହି ନାହାନ୍ତି। ଦୁଇ ଗୋଡ ସରୁ ହୋଇଯିବା ସହ ଆଖିପତା ଫୁଲି ଭୟଙ୍କର ଦେଖାଯାଉଛି। ଠିକ୍‌ଭାବେ କଥା କହି ପାରୁ ନାହାନ୍ତି। ଗତବର୍ଷ ଗୁରୁତର ହୋଇ ପଡିବା ପରେ ଇନ୍ଦ୍ରାଣୀଙ୍କୁ ସ୍ୱାମୀ ତରଣୀ ବୁର୍ଲା ନେଇ ଦୁଇସପ୍ତାହ ଧରି ଚିକିତ୍ସା କରିଥିଲେ। ଧାରଉଧାର କରି ପ୍ରାୟ ୧ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ଏବେ ସେ ସର୍ବସ୍ୱାନ୍ତ ହୋଇ ପଡିଛନ୍ତି। ବର୍ତ୍ତମାନ ଚିକିତ୍ସା ପାଇଁ ପ୍ରାୟ ୩ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ଡାକ୍ତର କହୁଛନ୍ତି। ପାଖରେ ବିଏସ୍‌କେଓ୍ୱାଇ କାର୍ଡ ଅଛି। ହେଲେ ପାଖରେ ଟଙ୍କାଟିଏ ନଥିବାରୁ କୌଣସି ଡାକ୍ତରଖାନା ନେଇ ସ୍ତ୍ରୀର ଚିକିତ୍ସା କରାଇବା ସ୍ଥିତିରେ ନ ଥିବା ତରଣୀ କହିଛନ୍ତି। ଇନ୍ଦ୍ରାଣୀଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେବା ଓ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ସ୍ଥାନୀୟ ପଞ୍ଚାୟତ ଅଫିସରୁ ବ୍ଲକ ପ୍ରଶାସନ ଯାଏ ଜଣାଇଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା ଗାଁର ପ୍ରଫୁଲ୍ଲ କରନ, ଗୌର କରନ, ଆଦିତ୍ୟ କରନ, ଅରୁଣ କରନ, ସମାଜିକ କର୍ମୀ ରଘୁନାଥ ନାୟକ ପ୍ରମୁଖ କହିଛନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।